## ବଧୂହତ୍ୟା ଅଭିଯୋଗ; ସ୍ୱାମୀ ଗିରଫ

**ଚାରିଛକ, ୧୪।୨(ସମିସ):** ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ବସ୍ତିରେ ଜଣେ ବିବାହିତ ମହିଳାଙ୍କୁ ତାଙ୍କ ଶାଶୂଘର ଲୋକେ ହତ୍ୟା କରିଥିବା ନେଇ ଝିଅର ବାପା ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଯେ ବାଲିପାଟଣା ଥାନା ଅନ୍ତର୍ଗତ ସୁମଣା ପ୍ରଧାନ ବସ୍ତିର ରାଜୁ ଖାଁଙ୍କ ଝିଅ ସୁହାନା ବେଗମ (୨୫) ଏହି ଥାନା ଅନ୍ତର୍ଗତ କଳାପାଞ୍ଚଣ ବସ୍ତିର ଏସ୍‌କେ ଇନ୍‌ତାଜଙ୍କୁ ୨୦୨୧, ଡିସେମ୍ବର ୯ରେ ବିବାହ କରିଥିଲେ। ଅଧିକ ଯୌତୁକ ଦାବିକରି ଗତକାଲି (ମଙ୍ଗଳବାର) ଶାଶୂଘର ଲୋକମାନେ ସୁହାନାଙ୍କୁ ମାରିଦେଇଥିବା ନେଇ ତାଙ୍କ ବାପା ରାଜୁ ଖାଁ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଆଜି ମୃତାଙ୍କ ସ୍ୱାମୀ ଏସ୍‌କେ ଇନ୍‌ତାଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପାଣିଟାଙ୍କି ଗେଟ୍‌ରେ ତାଲା ପକାଇ ଧାରଣା

**ନୟାହାଟ, ୧୪।୨(ସମିସ):** ସରକାର ବସୁଧା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପିଇବା ପାଣି ଯୋଗାଉଛନ୍ତି। ହେଲେ କିଛି ଅଧିକାରୀଙ୍କ ଅବହେଳା ପାଇଁ ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ନିମାପଡ଼ା ବ୍ଲକର ଛଣିଜଙ୍ଗ ପଞ୍ଚାୟତ ଡିହସାହି ଗ୍ରାମର ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ଛଣିଜଙ୍ଗ ପଞ୍ଚାୟତ ନିକଟରେ ଥିବା ବସୁଧା ପାନୀୟ ଜଳ ପ୍ରକଳ୍ପରେ ଡିହସାହି ଗ୍ରାମକୁ ପାଇପ୍ ପଡ଼ିଥିଲା। କିନ୍ତୁ ଟାଙ୍କି ବସିବା ଦିନଠାରୁ ପାଇପ୍ ପଡ଼ିଥିଲେ ମଧ୍ୟ ପିଇବା ପାଣି ଆଦୌ ଯାଉନାହିଁ। ଯାହା ଫଳରେ ଡିହସାହି ଗ୍ରାମରୁ ଜୟନ୍ତୀ ଭୋଇ, ଚାରୁଲତା ଭୋଇ, ସଜନୀ ଭୋଇ, ମଞ୍ଜୁ ଭୋଇ ସମେତ ୨୦ରୁ ଅଧିକ ମହିଳା ଆସି ଟାଙ୍କିଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରା ନଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଏ ଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ମହିଳାମାନେ ଦାବି କରିଛନ୍ତି।

## ଭାଇରାଲ୍ ଭିଡିଓକୁ ନେଇ ଥାନାରେ ଅଭିଯୋଗ

**ସାକ୍ଷୀଗୋପାଳ, ୧୪।୨(ସମିସ):** ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତଙ୍କ ସହିତ ବିଜେଡି ଦଳର କିଛି ନେତାମାନେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ମଞ୍ଚରେ ଲାଗିଥିବା ବ୍ୟାନର୍‌ରେ ସ୍ଥାନୀୟ ବିଧାୟକଙ୍କ ଫଟୋଚିତ୍ରକୁ ଏଡିଟିଙ୍ଗ କରି ତାଙ୍କ ଜାଗାରେ ଅନ୍ୟ ଜଣଙ୍କ ଫଟୋ ଯୋଡ଼ି ଉକ୍ତ ଭିଡିଓକୁ ଭାଇରାଲ୍ କରାଯାଉଛି। କିଛି ଖଳ ପ୍ରକୃତିର ଲୋକମାନେ ଏହି କାର୍ଯ୍ୟ କରିଛନ୍ତି ବୋଲି ସତ୍ୟବାଦୀ ବିଜେଡି ମିଡିଆ ସେଲ୍‌ର ଦାୟିତ୍ୱରେ ଥିବା ତୁଷାର ରଞ୍ଜନ ନାୟକ କହିବା ସହ ଏନେଇ ସେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ଭିଡିଓକୁ ଭାଇରାଲ୍ କରିଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## ବୀରେନ୍ଦ୍ର ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ
## ଯାଜପୁରକୁ ହରାଇ ଅଇନିପୁର ଚାମ୍ପିଅନ

**କଣାସ, ୧୪।୨(ସମିସ):** କଣାସ ବ୍ଲକ ଅନ୍ତର୍ଗତ ବଡ଼ାଲ ପଞ୍ଚାୟତ ବଡ଼ଓରା ଗ୍ରାମ ଖେଳପଡ଼ିଆରେ ପ୍ରଥମ ବର୍ଷ ବୀରେନ୍ଦ୍ର ମେମୋରିଆଲ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ମହାବୀର ଯୁବ କ୍ଲବ୍ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଯାଜପୁର, ପୁରୀ, ବ୍ରହ୍ମଗିରି, ଅଇନିପୁର, ବଡ଼ଓରା, କଣାସ, ପୋଢ଼ାକେରା, ଅଣତିରିଶ ଆଦି ଆଠଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଅଇନିପୁର ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଇନିପୁର ୨-୦ ସେଟ୍‌ରେ ବିଜୟଲାଭ କରିଥିଲା। ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ାଲ ସରପଞ୍ଚ ଧନେଶ୍ୱର ଲେଙ୍କା, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ପରିଡ଼ା, ବିଭୂତି ଭୂଷଣ ସାହୁ, ମନୋଜ ଜେନା ଖେଳ ପରିଚାଳନା କରିଥିଲେ। ମହାବୀର ଯୁବ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




### ମାଘମେଳା ପାଇଁ ପ୍ରସ୍ତୁତି ଶେଷ

# ଶ୍ରୀଜୀଉ ଓ ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ଚନ୍ଦ୍ରଭାଗା ତୀର୍ଥ

**କୋଣାର୍କ, ୧୪।୨(ସମିସ)**

ପୁରାଣ ପ୍ରସିଦ୍ଧ ପବିତ୍ର ମାଘମେଳା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଓ କୋଣାର୍କ ଏନ୍‌ଏସି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଆଜି ଅପରାହ୍ଣରେ ପୁରୀ ଜିଲ୍ଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ଚରଣ ପତି ଓ ନିମାପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଚନ୍ଦ୍ରଭାଗାରେ ଉପସ୍ଥିତ ରହି ମାଘମେଳାର ସୁପରିଚାଳନା ପାଇଁ ପୁଲିସ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅର୍କକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଚଳିତବର୍ଷ ପ୍ରାୟ ପାଞ୍ଚଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନର ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଟ୍ରାଫିକ ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୁରୀ ଏସ୍‌ପିଙ୍କ ଉପସ୍ଥିତିରେ ୩୩ ପ୍ଲାଟୁନ ଫୋର୍ସ ସହିତ ୫ ଜଣ ଅତିରିକ୍ତ ଏସପି, ୧୨ ଜଣ ଡିଏସପି, ୩୯ ଜଣ ଆଇଆଇସି, ହାବିଲଦାର ୧୪୦ ଜଣ, ୧୨୭ ଜଣ କନେଷ୍ଟବଳ, ୧୨୨ ଜଣ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସମେତ ୩୬୪ ଜଣ ଗୃହରକ୍ଷୀ ନିୟୋଜିତ ହୋଇଛନ୍ତି। ଏଥିସହିତ ୩୦୦ ଜଣ ସ୍ୱେଚ୍ଛାସେବୀ ଓ ୪୦ ଜଣ ଲାଇଫଗାର୍ଡ ନିୟୋଜିତ ହୋଇଛନ୍ତି। ମେଳାପଡ଼ିଆ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ଲଗାଯାଇଛି।

ଅଗ୍ନିଶମ ବିଭାଗ ପକ୍ଷରୁ ଜରୁରୀକାଳୀନ ସମୟରେ ନବଗ୍ରହ ମନ୍ଦିର, ସମୁଦ୍ରକୂଳ ଓ ତୀର୍ଥ ପୁଷ୍କରିଣୀ ଚାରିପଟେ ଆସ୍କା ଲାଇଟ୍ ବ୍ୟବସ୍ଥା କରାଯାଇଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀର ପଙ୍କୋଦ୍ଧାର ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ସ୍ନାନ ନିମନ୍ତେ ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଚନ୍ଦ୍ରଭାଗା ତୀର୍ଥକୁ ଭୁବନେଶ୍ୱର, ପୁରୀ ଓ କାକଟପୁର ଆଡୁ ଆସୁଥିବା ଯାନବାହାନ ନିୟନ୍ତ୍ରଣ, ବାଇକ୍, କାର୍ ଓ ବସ୍ ପାର୍କିଂ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ମାଘ ଷଷ୍ଠୀ ଗୁରୁବାର ଅପରାହ୍ଣ ୩ଟାରୁ ହେଲିପ୍ୟାଡରେ ସମସ୍ତ ଯାନବାହାନ ପାର୍କିଂ କରିବ। ପୁରୀରୁ ଆସୁଥିବା ବସ୍ ମେରାଇନ ଡ୍ରାଇଭ୍ ବାଲିଘାଇ ଗୋପ ରାସ୍ତାରେ ଯାତାୟାତ କରିବ। ପୁରୀ ଆଡୁ ଆସୁଥିବା ବାଇକ୍ ଓ କାର୍‌ଗୁଡ଼ିକ ବେଳାମାର୍ଗ ରାସ୍ତା ରାମଚଣ୍ଡୀ ଥାନା ନିକଟରେ ପାର୍କିଙ୍ଗ କରିବ। ନଚେତ ଯାନବାହନଗୁଡ଼ିକ ବାଲିକପିଳେଶ୍ୱର ଛକରୁ ସୁତନ ଦେଇ ବଂଶୀବଜାର ଛକରେ ବାହାରି ଥାନା ଛକଦେଇ ହେଲିପ୍ୟାଡରେ ରହିବ। ସେହିଭଳି ଭୁବନେଶ୍ୱରରୁ ଆସୁଥିବା ଯାନବାହାନ ଆଇଓସିଏଲ ବସ୍ ପାର୍କିଂ ଓ ହେଲିପ୍ୟାଡରେ ପାର୍କିଂ କରିବ। ଷଷ୍ଠୀ ରାତି ଓ ସପ୍ତମୀ ସକାଳ ପର୍ଯ୍ୟନ୍ତ ମାଜିଷ୍ଟ୍ରେଟଙ୍କ ଗାଡ଼ି, ଆମ୍ବୁଲାନ୍ସ, ପୁଲିସ, ଅଗ୍ନିଶମ ଗାଡ଼ି ପ୍ରତି କଟକଣା ଲାଗୁ ହେବ ନାହିଁ। ଗଣମାଧ୍ୟମ ଗାଡ଼ି ଚନ୍ଦ୍ରଭାଗା ମୁଖ୍ୟ ପାର୍କିଂ ସ୍ଥଳରେ ପାର୍କିଂ କରିବ। ମାଘମେଳା ପଡ଼ିଆରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ବରଡା ପତ୍ର କୁଡ଼ିଆ ତଳେ ରାତ୍ରିଯାପନ, ହାଣ୍ଡିରନ୍ଧା ନିମନ୍ତେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ପାନୀୟ ଜଳ, ଆଲୋକ, ଆପାତକାଳୀନ ଚିକିତ୍ସା ଓ ଶୃଙ୍ଖଳିତ ତୀର୍ଥସ୍ନାନ ନିମନ୍ତେ ସମସ୍ତ ପ୍ରକାର ଆୟୋଜନକୁ ପୁରୀ ଜିଲ୍ଲାପାଳ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ଏନ୍‌ଏସି ଅଧ୍ୟକ୍ଷା ଅନୁଧ୍ୟାନ କରିଛନ୍ତି। ଷଷ୍ଠୀ ରାତିତମାମ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମାରୋହ ଓ ବିଭିନ୍ନ ପ୍ରକାର ଲୋକନୃତ୍ୟର ବ୍ୟବସ୍ଥା କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ମେଳାପଡ଼ିଆ ଓ ନବଗ୍ରହ ପୀଠରେ ସୂଚନା କେନ୍ଦ୍ର ଓ ହଜାଖୋଜା ମଞ୍ଚର ବ୍ୟବସ୍ଥା ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ଚିକିତ୍ସା ଶିବିର, ଭ୍ରାମ୍ୟମାଣ ଚିକିତ୍ସା ଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ଷଷ୍ଠୀ ରାତିରେ ଅର୍କକ୍ଷେତ୍ରର ତ୍ରିଶମ୍ଭୂ ମାଧିପୁରର ବାବା ତ୍ରିବେଣୀଶ୍ୱର, ସନ୍ଥପୁରର ବାବା ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ନିଜ ନିଜ ବିମାନରେ ବିଜେ ହୋଇ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରିବା ପାଇଁ ସମସ୍ତ ପ୍ରକାର ପୂଜାନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଷଷ୍ଠୀ ରାତି ୯ଟାରେ ଶ୍ରୀଜୀଉମାନେ ଆସ୍ଥାନରୁ ବାହାରି ବିମାନ ଶୋଭାଯାତ୍ରାରେ ଯାଇ ସପ୍ତମୀ ଭୋର୍ ୪ଟାରେ ଚନ୍ଦ୍ରଭାଗା ତୀର୍ଥରେ ପହଞ୍ଚିବେ। ଭୋର୍ ୪ଟା ୪୧ରେ ଶ୍ରୀଜୀଉମାନେ ପବିତ୍ର ତୀର୍ଥ ଜଳରେ ମହାସ୍ନାନ କରିବା ପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ବ୍ୟାରିକେଡରେ ଯାଇ ତୀର୍ଥସ୍ନାନ କରିବେ। ସକାଳ ୬ଟା ୧୫ମିନିଟରେ ସୂର୍ଯ୍ୟୋଦୟ ଦର୍ଶନ ଓ ପୂଜାର୍ଚ୍ଚନା ପରେ କୋଣାର୍କ ଅଭିମୁଖେ ଆସି ସୂର୍ଯ୍ୟମନ୍ଦିର ପରିସରସ୍ଥ ନବଗ୍ରହଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି। ଗତ ଶାମ୍ବ ଦଶମୀ ତିଥିରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରିଥିବା ସୂର୍ଯ୍ୟ ରଥ ୨୭ଟି ନକ୍ଷତ୍ରରେ ପୂଜାର୍ଚ୍ଚନା ପରେ ସୂର୍ଯ୍ୟଦେବଙ୍କ ଜନ୍ମତିଥି ମାଘ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଅବଧୂତ ମଠକୁ ବାହୁଡ଼ି ଆସିବେ। ମାଘମେଳା ଉପଲକ୍ଷେ ୧୫ ଓ ୧୬ ତାରିଖ ଦୁଇଦିନ ପାଇଁ ଏଏସ୍‌ଆଇ ପକ୍ଷରୁ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। ସମସ୍ତ ପ୍ରକାର ପ୍ରସ୍ତୁତି ସହିତ ଚନ୍ଦ୍ରଭାଗା ମେଳାପଡ଼ିଆ ଶ୍ରଦ୍ଧାଳୁଙ୍କ ଆଗମନକୁ ଅପେକ୍ଷା କରିଛି।



**ମୁତୟନ ହେବେ ୩୩ ପ୍ଲାଟୁନ୍ ଫୋର୍ସ**

## ବୀର ସହିଦଙ୍କୁ ମନେ ପକାଇଲେ ଅଞ୍ଚଳବାସୀ

**ଚାରିଛକ, ୧୪।୨(ସମିସ)**

ଆଜି ସହିଦ ମନୋଜ ବେହେରାଙ୍କୁ ମନେପକାଇ ଅଞ୍ଚଳବାସୀ, ସହପାଠୀ ଓ ପରିବାର ଲୋକେ ଆଖିରୁ ଲୁହ ଝରାଇଛନ୍ତି।



ଗତ ୨୦୧୯ ମସିହା ଫେବୃୟାରୀ ୧୪ ତାରିଖରେ ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ସହିଦ ହୋଇଥିଲେ ଦେଶର ୪୦ ଜଣ ବୀର ଯବାନ। ସେଥି ମଧ୍ୟରୁ ଥିଲେ ଚାରିଛକ ନିକଟସ୍ଥ ରତନପୁର ପଞ୍ଚାୟତ ଗଜାବର ଗ୍ରାମର ସହିଦ ଯବାନ ମନୋଜ ବେହେରା। ଆଜି ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସହପାଠୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ସହିଦ ମନୋଜଙ୍କ ପ୍ରତିମୂର୍ତ୍ତିରେ ସହିଦ ମନୋଜ ବେହେରା ଟ୍ରଷ୍ଟର ସଭାପତି ସତ୍ୟ ଭୂଷଣ ନାୟକ, ସମ୍ପାଦକ ଅରୁଣାଭ କର, ଧନୁର୍ଦ୍ଧର ମିଶ୍ର, ମହେଶ କୁମାର ବାଲ, ସୁବାସ ଚନ୍ଦ୍ର ସାହୁ, ସାଗର ଭୋଇ, ପ୍ରଦୀପ ଭୋଇ, ଦିଲ୍ଲୀପ ବେହେରା, ପ୍ରମୋଦ ସାହୁ, ରାମଚନ୍ଦ୍ର ବେହେରା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସହକାରୀ ଶିକ୍ଷକ ପ୍ରଭାତ କୁମାର ଦାଶଙ୍କ ସମେତ ଉକ୍ତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ବୀର ସହିଦଙ୍କ ସ୍ମୃତିଚାରଣ କରିଥିଲେ। ସେହପରି ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ନିଜଗ୍ରାମ ଗଜାବରସ୍ଥିତ ବାସଭବନରେ ପରିବାର ସଦସ୍ୟ, ଗ୍ରାମବାସୀ ଏବଂ ରତନପୁର ପ୍ରାଥମିକ ବିଦ୍ୟାଳୟରେ ପାଠପଢୁଥିବା ସାଥୀମାନେ ଆଜି ସହିଦ ମନୋଜଙ୍କୁ ମନେ ପକାଇଥିଲେ।

**ନୟାହାଟ:** ଚାରିଛକ ନିକଟସ୍ଥ ରତନପୁର ଗ୍ରାମରେ ସହିଦ ମନୋଜ ବେହେରାଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିରେ ରତନପୁର ପଞ୍ଚାୟତର ସରପଞ୍ଚ ସୁକାନ୍ତି ବେହେରା, କବିରାଜ କୁଳମଣି ସାହୁ ମେମୋରୀୟାଲ ଟ୍ରଷ୍ଟର ଅଧ୍ୟକ୍ଷ ତଥା ପରିବେଶବିତ୍ ଡକ୍ଟର କେଦାରନାଥ ସାହୁ, ନୂଆଗାଁ ଆତ୍ମାରାମ ବାଳା ଆଶ୍ରମର ଗଣେଶ ବାବା ଉପସ୍ଥିତ ରହି ସହିଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବୀର ସହିଦଙ୍କ ପିତା ଜିତେନ୍ଦ୍ର କୁମାର ବେହେରା, ମାତା ସାବିତ୍ରୀ ବେହେରା, ଭିଣେଇ ଦେବାଶିଷ ବେହେରା, ଭଉଣୀ ବାସନ୍ତୀ ବେହେରା ଉପସ୍ଥିତ ଥିଲେ।



## ବିଜେଡିରେ ମିଶିଲେ ଶତାଧିକ ବିଜେପି କର୍ମୀ



**ପିପିଲି, ୧୪।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା, ସ୍ୱଚ୍ଛ ଶାସନ ତଥା ପିପିଲି ଡେଲାଙ୍ଗର ଯୁବ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ପିପିଲି ବ୍ଲକ ସଁପୁର ପଞ୍ଚାୟତର ୧୨ ନମ୍ବର ୱାର୍ଡର ଭାଜପା ଦଳର କର୍ମୀମାନେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ରାମ ନାୟକ, ରାଜେଶ ନାୟକ, ଦାଶରଥୀ ନାୟକ, ବିଜୟ ନାୟକ, ବନିତା ନାୟକ, ଅକ୍ଷୟ ନାୟକ, ମିତା ନାୟକ, ସତ୍ୟଭାମା ନାୟକ, ସଞ୍ଜୟ ନାୟକ, ମିଲି ନାୟକ, ଚଗଲି ନାୟକ, ଜିତେନ୍ଦ୍ର ନାୟକ, ଦାଶରଥୀ ନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ବିଧାୟକ ଶ୍ରୀ ମହରଥୀ ଦଳୀୟ ଉତ୍ତରୀୟ ଦେଇ ଦଳରେ ସାମିଲ କରାଇଛନ୍ତି।

## ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ନିମାପଡ଼ା, ୧୪।୨(ସମିସ):** ନିମାପଡ଼ା ବଜାରରେ ଜଣେ ସୁନା ବ୍ୟବସାୟୀଙ୍କ ପୁଅଙ୍କୁ ଆକ୍ରମଣ କରି ତାଙ୍କ ବେକରୁ ଏକ ସୁନାଚେନ୍ ଲୁଟ ହୋଇଥିବା ନେଇ ଆଜି ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ସୁନା ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୁଅ ହୃଷିକେଶ ଆଜି ରାତି ୮ଟାରେ ଏକ ଇଲେକ୍ଟ୍ରି ପାର୍ଟସ କିଣିବାକୁ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ ନିକଟକୁ ଯାଇଥିଲେ। ହୃଷିକେଶ ସେଠାରେ ନିଜ ବାଇକ୍ ରଖି ପରିସ୍ରା କରୁଥିବା ସମୟରେ ଏକ କଳାରଙ୍ଗର ବାଇକ୍‌ରେ ଦୁଇଜଣ ଯୁବକ ତାଙ୍କ ବେକରୁ ପିନ୍ଧିଥିବା ସୁନା ଚେନଟି ଛିଣ୍ଡାଇ ନେବା ବେଳେ ସେ ପ୍ରତିବାଦ କରିଥିଲେ। ଦୁର୍ବୃତ୍ତମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କର ବାମ ହାତକୁ ଆକ୍ରମଣ କରିଥିଲେ। ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

## ପଦ୍ମଚରଣ ସାମନ୍ତସିଂହାର ଫୁଟବଲ୍ ସେମିରେ ଭଞ୍ଜନଗର

**ନିମାପଡ଼ା, ୧୪।୨(ସମିସ):** ନିମାପଡ଼ା ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ପଡ଼ିଆରେ ଅନୁଷ୍ଠିତ ୯ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ଭଞ୍ଜନଗର ଫୁଟବଲ୍ ଆସୋସିଏସନ ଏବଂ ଡାଇମଣ୍ଡ ଏଫ୍‌ସି ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ୧-୧ ଗୋଲରେ ସରିବା ପରେ ଦ୍ୱିତୀୟାର୍ଦ୍ଧରେ ଖେଳ ବେଶ ରୋମାଞ୍ଚକର ହୋଇଥିଲା। କେହି କାହାରିକୁ ଗୋଲ ନଦେବା ଫଳରେ ଖେଳ ୧-୧ରେ ଅମିମାଂଶିତ ରହିଥିବା ବେଳେ ଟ୍ରାଇବେକର ସହାୟତା ଦିଆଯାଇଥିଲା। ପରିଶେଷରେ ଭଞ୍ଜନଗର ଫୁଟବଲ ଆସୋସିଏସନ ୪-୨ ଗୋଲରେ ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅବସରରେ ଅତିଥିଭାବେ ନିମାପଡ଼ା ତହସିଲଦାର ବିଦ୍ୟାଧର ପତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ପୂର୍ବତନ ଖେଳାଳି ପ୍ରଭାକର ଭୋଇ ଓ କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆଜିର ମ୍ୟାଚ୍‌ରେ ରେଫରୀଭାବେ ନିର୍ମଳ କୁମାର ମିଶ୍ର, ବିଜୟ ମଙ୍ଗରାଜ, ରାଜେନ୍ଦ୍ର ବାରିକ, ସମର ବରାଳ ଏବଂ ସନ୍ଦୀପ ଦାସ ପରିଚାଳନା କରିଥିଲେ। ଆସନ୍ତାକାଲିର ମ୍ୟାଚ୍ ମା' ତାରେଣୀ ଏଫ.ସି କେନ୍ଦୁଝର ଓ ସାନ୍ ଏଫ.ସି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆଥଲେଟିକ ଆସୋସିଏସନ୍‌ର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି। ଆଜିର ମ୍ୟାଚ୍‌କୁ ବିଶ୍ୱଜିତ ମଲ୍ଲିକ, ପ୍ରକାଶ ବରାଳ, ଅଜୟ ପାଣି, ଗୌରବ ସାମନ୍ତରାୟ ଓ ଅକ୍ଷୟ ପାତ୍ର ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ବିଦ୍ୟାଦାତ୍ରୀଙ୍କ ଆରାଧନା

**ଅସ୍ତରଙ୍ଗ, ୧୪।୨(ସମିସ):** ଆଜି ଶ୍ରୀପଞ୍ଚମୀ ଅବସରରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଜି ଅସ୍ତରଙ୍ଗ ଅଞ୍ଚଳରେ ଥିବା ସରସ୍ୱତୀ ଶିଶୁମନ୍ଦିର, ଏକ୍ସଟି ଜାଭିୟର, ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ସମସ୍ତ କଲେଜ, କୋଚିଂ ସେଣ୍ଟର, ବିଭିନ୍ନ ଶିକ୍ଷାକେନ୍ଦ୍ରରେ ମା' ବାଗ୍‌ଦେବୀଙ୍କ ପୂଜା



ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମିଳିତ ସହଯୋଗରେ ସମସ୍ତ ଶିକ୍ଷାକେନ୍ଦ୍ରରେ ପୂଜାକାର୍ଯ୍ୟ ସମାପନ କରାଯାଇଛି। ସମସ୍ତ କେନ୍ଦ୍ରରେ ଅଭିଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା କଳସପୂଜା, ମା'ଙ୍କ ଆବାହନ, ହୋମ କାର୍ଯ୍ୟ, ବନ୍ଦାପନା, ପ୍ରସାଦ ଲାଗି କରାଯିବା ସହ ମା'ଙ୍କୁ ପୁଷ୍ପାଞ୍ଜଳି ସମର୍ପଣ କରାଯାଇଛି। ଆଜିର ପବିତ୍ର ଦିନରେ ସମସ୍ତ ବିଦ୍ୟାଳୟ ଓ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମା' ସରସ୍ୱତୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

**ଚାରିଛକ:** ଚାରିଛକ ଅଞ୍ଚଳର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ଆଜି ମା' ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା ପାଳିତ ହୋଇଯାଇଛି। ନିକଟସ୍ଥ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରାଚୀ ବାଳିକା ବିଦ୍ୟାପୀଠ, ଛବାଟିଆ ଉ.ପ୍ରା ବିଦ୍ୟାଳୟ, ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ, ତୁଳସୀପୁର ଉପ୍ରା ବିଦ୍ୟାଳୟ, ଦାମୋଦର ଉଚ୍ଚ ବିଦ୍ୟାଳୟ ତମ୍ପାଲୋ, ନୀଳମଣି ସ୍ମୃତି ବିଦ୍ୟାପୀଠ ବାହାରଣା,



ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋ, ଲକି ପବ୍ଲିକ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପଥରପଦାରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ପଥରପଦାଠାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା।

**ନିମାପଡ଼ା:** ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ଘରୋଇ ବିଦ୍ୟାଳୟରେ ଆଜି ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିକ୍ଷାଜିଲ୍ଲା ଅନ୍ତର୍ଗତ ଜବରା ବାଳିକା ଉଚ୍ଚ ବିଦ୍ୟାଳୟ, ବାଳକ ଉଚ୍ଚ ବିଦ୍ୟାଳୟ, ପ୍ରାକ୍ତସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚିନ୍ତାମଣି ବିଦ୍ୟାପୀଠ ସମେତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ବିଭିନ୍ନ ସାଜସଜ୍ଜା ସହ ଛାତ୍ରଛାତ୍ରୀମାନେ ନୂଆ ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସି ମା'ଙ୍କୁ ଆରାଧନା କରିଥିଲେ।



**ଡେଲାଙ୍ଗ:** ଡେଲାଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। କଲ୍ୟାଣପୁର ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବ୍ରଜକିଶୋର ସାହୁ, ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ତୃପ୍ତିମୟୀ ପରିଡ଼ା, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ସରୋଜ କୁମାର ପଣ୍ଡା, ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ, ଡେଲାଙ୍ଗ ଉନ୍ନିତ ଉଚ୍ଚ



ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଯଥାବିଧି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଛାତ୍ରଛାତ୍ରୀମାନେ ନୂତନ ବସ୍ତ୍ର ପରିଧାନ ପୂର୍ବକ ନାରିକେଳ, ବିଭିନ୍ନ ପୁଷ୍ପ, ଅରୁଆ ଚାଉଳ, ଭୋଗ ଆଦି ବାଗ୍‌ଦେବୀଙ୍କୁ ଲାଗି କରିଥିଲେ।

**ନୟାହାଟ:** ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଜି ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ନୟାହାଟ ଅଞ୍ଚଳର ଦେସ୍ତଲୀ, ଧୁମାଳ, ଜଙ୍ଗଲବରୀ, ବଉଲାଙ୍ଗ, ସୋରଭା, ଇସାଣପୁର ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ଚାରିଛକ ଅଞ୍ଚଳର ଭୋଦର, ବାହାରଣା, ତୁଳସୀପୁର, ଛଣିଜଙ୍ଗ, ତମ୍ପାଳ ପଞ୍ଚାୟତରେ ଥିବା ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

**କଣାସ:** ପୁରୀ ଜିଲ୍ଲା କଣାସ ବ୍ଲକର ପୁରପଲ୍ଲୀରେ ମା' ସରସ୍ୱତୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ସରକାରୀ, ବେସରକାରୀ ବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହାବାବିଦ୍ୟାଳୟ, କୋଚିଂ ସେଣ୍ଟର ମାନଙ୍କରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ବିଦ୍ୟାମନ୍ଦିର, ବିବେକାନନ୍ଦ ବିଦ୍ୟାନିକେତନ, ଶିଶୁମନ୍ଦିର ମାନଙ୍କରେ କୋମଳମତି ପିଲାମାନେ ଆଜି ନୂତନ ଭାବେ ଶିକ୍ଷାଗ୍ରହଣ ସ୍ଲେଟ୍, ଖଡ଼ି ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା।



**କାକଟପୁର:** ମା' ସରସ୍ୱତୀଙ୍କ ପୂଜା ଉପଲକ୍ଷେ କାକଟପୁର ଓ ଏହାର ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ଶିଶୁମନ୍ଦିର, ସରସ୍ୱତୀ ଶିଶୁମନ୍ଦିର, ଜାଭିୟର, ଜାହାନ ପବ୍ଲିକ ସ୍କୁଲ, ବାଳିକା ବିଦ୍ୟାଳୟ, ମଙ୍ଗଳା ମହାବିଦ୍ୟାଳୟ, ନେତ୍ରାନନ୍ଦ ମହିଳା ମହାବିଦ୍ୟାଳୟ, ସମସ୍ତ ପ୍ରାଥମିକ ବିଦ୍ୟାଳୟ, କୋଚିଂ ସେଣ୍ଟର, ବିଭିନ୍ନ ଅନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମିଳିତ ସହଯୋଗରେ ସମସ୍ତ ଶିକ୍ଷାକେନ୍ଦ୍ରରେ ପୂଜାକାର୍ଯ୍ୟ ସମାପନ କରାଯାଇଛି। ସମସ୍ତ ବିଦ୍ୟାଳୟ ଓ ଶିକ୍ଷାକେନ୍ଦ୍ରର ସଂକୁନ୍ତଳା ଦେଇ, ପ୍ରଭାତ ଦୀକ୍ଷିତ, ତନ୍ମୟ ପାତ୍ର, ପ୍ରମୋଦ ପୃଷ୍ଟି, ଜୟନ୍ତୀ ମିଶ୍ର, ପ୍ରତାପ ରାଉତ, ପୀତବାସ ଦୀକ୍ଷିତ, ହରିହର ଦଳାଇ, ଦୁର୍ଯ୍ୟୋୟ ବିଶ୍ୱାଳ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମା' ସରସ୍ୱତୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୪/୨/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୭୦,୪୩୫/- ସୁନା: ୦୧.୦୦୦ ଗ୍ରାମ୍ ରୁପା: ୩୩.୩୦୦ ଗ୍ରାମ୍





## ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ପାଳିତ

**ପୁରୀ, ୧୪।୨(ସମିସ):** ଶ୍ରୀମନ୍ଦିରରେ ବୁଧବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢ଼ା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏଥିପାଇଁ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ପାଞ୍ଜି ରଖାଯାଇ ପତନି, ମାଳ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା।

## ମହାପ୍ରଭୁଙ୍କୁ ଦର୍ଶନକଲେ '୫-ଟି' ଅଧ୍ୟକ୍ଷ

**ପୁରୀ, ୧୪।୨(ସମିସ):** ପବିତ୍ର ସରସ୍ୱତୀ ପୂଜା ଅବସରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ବୁଧବାର ସକାଳେ '୫-ଟି' ଅଧ୍ୟକ୍ଷ ପୁରୀରେ ପହଞ୍ଚିଥିଲେ। ଏହାପରେ ମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ବେଢ଼ା ପରିସର ବୁଲି ଅନ୍ୟାନ୍ୟ ଦେବଦେବୀଙ୍କ ସହ ମା' ସରସ୍ୱତୀଙ୍କର ମଧ୍ୟ ଦର୍ଶନ କରିଥିଲେ। ଏହାପରେ ମନ୍ଦିରରୁ ବାହାରି ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଭୁବନେଶ୍ୱର ଫେରିଯାଇଥିଲେ '୫-ଟି' ଅଧ୍ୟକ୍ଷ।

## ୧୬ରେ ପୁରୀରେ ଗଡ଼ିବ ଲକ୍ଷ୍ମୀ ବସ୍

**ପୁରୀ, ୧୪।୨(ସମିସ):** ପୁରୀରେ ଗଡ଼ିବ ଲକ୍ଷ୍ମୀ ବସ୍। ଆସନ୍ତା ୧୬ ତାରିଖରେ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅପରାହ୍ନ ସାଢ଼େ ୪ଟାରେ ପୁରୀ ଜିଲ୍ଲା ନିମନ୍ତେ ଲକ୍ଷ୍ମୀ ବସ୍‌ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲା ପାଇଁ ୨୩ଟି ବସ୍‌ର ଲୋକାର୍ପଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ରବିନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଅପହରଣ କରି ୨ ଗିରଫ

**ପୁରୀ, ୧୪।୨(ସମିସ):** ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିଥିବା କୋରାପୁଟ ଅଞ୍ଚଳର ଜଣେ ଯୁବକଙ୍କୁ ଅପହରଣ କରି ଦାଦାବଟି ମାଗିବା ଅଭିଯୋଗରେ ସଦର ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବ୍ରହ୍ମଗିରିର ଉତ୍ତମ ସ୍ୱାଇଁ ଏବଂ ଚନ୍ଦନପୁରର ଚିତ୍ତରଞ୍ଜନ ମହାପାତ୍ର। ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖରେ କୋରାପୁଟ ଜିଲ୍ଲା ଜଳପୁଟର ହନ୍ତାଳ ଭେଙ୍କଟ ରମଣ ପରିକ୍ରମା ମାର୍ଗ ବୁଲିବାକୁ ଆସି ସମଙ୍ଗ ପାର୍କରେ ପହଞ୍ଚିଥିଲେ। ଅଭିଯୁକ୍ତ ଦ୍ୱୟ ତାଙ୍କୁ ଏକ ଅଟୋରେ ଅପହରଣ କରି ମାଳତୀପାଟ୍ଟପୁର ନିକଟ ଏକ ଜଙ୍ଗଲିଆ ଜାଗାକୁ ନେଇ ଯାଇଥିଲେ। ଏଥିସହ ଭେଙ୍କଟ ରମଣଙ୍କୁ ୧ ଲକ୍ଷ ଟଙ୍କା ଦାଦାବଟି ମାଗିବା ସହ ତାଙ୍କ ମୋବାଇଲ ଫୋନ୍ ଏବଂ ୭ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ତାଙ୍କୁ ଖରାପ ଭାଷାରେ ଗାଳି କରିବା ସହ ମାଡ଼ ମଧ୍ୟ ମାରିଥିଲେ। ଏ ନେଇ ଭେଙ୍କଟ ରମଣ ସଦର ଥାନାରେ ସେହିଦିନ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୫୯/୨୪) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ପିତୃମାତୃ ପୂଜନ ଦିବସ ପାଳିତ

**ପୁରୀ, ୧୪।୨(ସମିସ):** ମଙ୍ଗଳାଘାଟସ୍ଥିତ ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟରେ ବୁଧବାର ପିତୃମାତୃ ପୂଜନ ଦିବସ ପାଳିତ ହୋଇଛି। ଏହି ଅବସରରେ ପିତୃମାତୃ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ କରାଯିବା ସହ ପୁଲୱାମାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ରାଜଶେଖର ପାଢ଼ୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ବାମନ ପଣ୍ଡା, 'ଓଡ଼ିଶା ମୋ ପରିବାର'ର ସହ ସଂଯୋଜକ ଭଗବାନ ପଡ଼ିଆରୀ, ସମାଜସେବୀ ପ୍ରତିମା ଦାସ ଓ ନିଶିଥ ଦାସ ଯୋଗଦେଇଥିଲେ। ସମ୍ପାଦିକା ଗିରିଜା ମଞ୍ଜରୀ ପଣ୍ଡା ସହିଦମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଲୋକନାଥ ସୁଆରଙ୍କୁ ଶ୍ରବଣ କୁମାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଶିଶୁ କଳାକାର ସମ୍ରିଧି ପଣ୍ଡା ଏବଂ ହାର୍ଷାଲି ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟା ରାଜଶ୍ରୀ କହଁରଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା। ସଂଘର ରଞ୍ଜନ ଭୋଇ, ସତ୍ୟରଞ୍ଜନ ସାହୁ, ଦୁର୍ଗା ପ୍ରସାଦ ପ୍ରଧାନ, କିରଣ ମିଶ୍ର, ସଂଘମିତ୍ରା ପଣ୍ଡା, ସ୍ୱପ୍ନା ବିଶ୍ୱାଳ ଏବଂ ଅନ୍ୟ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟା କମଳିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅବୁଝା ପର୍ଯ୍ୟଟକ; ବାଜିରେ ଜୀବନ

**ପୁରୀ, ୧୪।୨(ସମିସ):** ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି। ଅତିଥି ଦେବ ଭବ ନ୍ୟାୟରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଛି। ହେଲେ ବିଭିନ୍ନ ସମୟରେ ଅମାନିଆ ହେଉଛନ୍ତି ପର୍ଯ୍ୟଟକ। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢ଼ୁଛି। ଘୂର୍ଣ୍ଣିବଳୟ ପାଇଁ ହେଉ ଅବା ପବନର ଦିଗ ପରିବର୍ତ୍ତନ ଯୋଗୁ ବିଭିନ୍ନ ସମୟରେ ସମୁଦ୍ର ଅଶାନ୍ତ ରହୁଛି। ଉଚ୍ଚ ଲହଡ଼ି ଆସି କୂଳରେ ମାଡ଼ ହେଉଛି। ପ୍ରାୟ ପ୍ରତିଦିନ ଲାଇଫ୍‌ଗାର୍ଡ ପର୍ଯ୍ୟଟକଙ୍କୁ ଉଦ୍ଧାର କରୁଛନ୍ତି। ହେଲେ ଏହାରି ଭିତରେ ଅନେକ ମୃତାହତ ହେଉଛନ୍ତି। ଗତ ଅଢ଼େଇ ମାସ ମଧ୍ୟରେ ସମୁଦ୍ରରେ ଗଲାଣି ୫ ଜୀବନ। ଯାହାକି ସବୁଠୁ ପରିତାପର ବିଷୟ। ଆଗକୁ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ଆହୁରି ବୃଦ୍ଧି ପାଇବ। ତେଣୁ ସୁରକ୍ଷିତ ସମୁଦ୍ର ସ୍ନାନ ପାଇଁ ଥିବା କଟକଣା ଏବଂ ଲାଇଫ୍‌ଗାର୍ଡଙ୍କ ପରାମର୍ଶ ମାନିବାକୁ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି।

ଗତ ଶନିବାର ସମୁଦ୍ରରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ଜୀବନ ଯାଇଛି। ମୃତକ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାର ବ୍ରଜେନ୍ଦ୍ର ରାୟ(୪୫)। ବ୍ରଜେନ୍ଦ୍ର ତାଙ୍କ ସମ୍ପର୍କୀୟମାନଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ୧୧ ନମ୍ବର ସେକ୍ଟର ସ୍ୱର୍ଗଦ୍ୱାର ନିକଟରେ ଗାଧୋଉଥିଲେ। ଏହି ସମୟରେ ଏକ ଉଚ୍ଚ ଲହଡିରେ ପଡ଼ିଯାଇ ଭିତରକୁ ଟାଣି ହୋଇଯାଇଥିଲେ ବ୍ରଜେନ୍ଦ୍ର ଓ ତାଙ୍କ ସମ୍ପର୍କୀୟ ତାପସ କର୍ମକାର (୫୦)। ଲାଇଫ୍‌ଗାର୍ଡ ବ୍ରଜେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ଡିସେମ୍ବର ୨୫ ଅର୍ଥାତ୍ ବଡ଼ଦିନରେ ମଧ୍ୟ ଜଣେ ପର୍ଯ୍ୟଟକ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ଥିଲେ ଛତିଶଗଡ଼ ବିଳାସପୁରର ସୁଶୀଲ କୁମାର ଟଣ୍ଡନ (୪୬)। ସେହିପରି ଗତ ଡିସେମ୍ବର ମାସରେ ସମୁଦ୍ରରେ ଜଣେ ନାବାଳକଙ୍କ ଜୀବନ ଯାଇଛି। ମୃତକ ହେଉଛନ୍ତି ବିହାର ବକ୍ସର ଜିଲ୍ଲା ନୱାନଗର ଥାନା ଅନ୍ତର୍ଗତ ଅମିରପୁର ଗାଁର ପ୍ରଭାତ ରାଜ୍‌ଙ୍କ ପୁଅ ଆର୍ଯ୍ୟନ। ଡିସେମ୍ବର ୧୦ ତାରିଖରେ ମା'ବାପାଙ୍କ ସହ ପେଣ୍ଠକଟା ସମୁଦ୍ରରେ ସ୍ନାନ କରୁଥିଲେ ଆର୍ଯ୍ୟନ। ମା' ବାପା ବେଳାଭୂମିରେ ବସିଥିବା ବେଳେ ଆର୍ଯ୍ୟନ ସମୁଦ୍ରରେ ବୁଡ଼ିଯାଇଥିଲା। ଆଖି ଆଗରେ ଭାସିଯାଇଥିବା ଆର୍ଯ୍ୟନଙ୍କ ମୃତଦେହ ଏହା ପରଦିନ ଅର୍ଥାତ୍ ଡିସେମ୍ବର ୧୧ ତାରିଖରେ ପେଣ୍ଠକଟା ପେଟ୍ରୋଲ ପମ୍ପ ପଛପଟ ବେଳଭୂମିରୁ ମିଳିଥିଲା। ସେମାନେ ସପରିବାର ପୁରୀ ବୁଲିବାକୁ ଆସି ଏକ ହୋଟେଲରେ ରହିଥିଲେ।

ସେହିପରି ଗତ ଡିସେମ୍ବର ୫ ତାରିଖରେ ଲହଡ଼ି ମାଡ଼ରେ ବଙ୍ଗୀୟ ପର୍ଯ୍ୟଟକ ଅଶୋକ ଚାଟାର୍ଜୀଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ସେହିପରି ଗତ ମେ ମାସରେ ସମୁଦ୍ରରେ ଗାଧୋଇବା ବେଳେ ୨ ଜଣ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ମୃତକ ଥିଲେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଶ୍ରୀରାମପୁର ଅଞ୍ଚଳର ଅରବିନ୍ଦ ଦେ ଓ ଅଜୟ ଦେ। ସମୁଦ୍ରରେ ଗାଧୋଉଥିବାବେଳେ ଏକ ଲହଡ଼ି ଆସି ଉଭୟଙ୍କୁ ଭିତରକୁ ଟାଣି ନେଇଥିଲା। ଲାଇଫ୍‌ଗାର୍ଡ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏମିତି ନିୟମିତ ବ୍ୟବଧାନରେ ସମୁଦ୍ର ସ୍ନାନ ବେଳେ ମୃତାହତ ହେଉଛନ୍ତି ପର୍ଯ୍ୟଟକ।

ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅକାଳରେ ପର୍ଯ୍ୟଟକଙ୍କ ଜୀବନ ଯାଉଥିବା ବେଳେ ଏଥିପାଇଁ ଦାୟୀ କିଏ? କିନ୍ତୁ ଏଭଳି ପ୍ରଶ୍ନ ଉଠିବା ମାତ୍ରେ ସମସ୍ତେ ବ୍ୟବସ୍ଥାକୁ ଅଙ୍ଗୁଳି ଉଠାଇଥାନ୍ତି। ଏହା ଅନସ୍ୱୀକାର୍ଯ୍ୟ ହେଲେ ମଧ୍ୟ ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କର ଭୁଲ୍ ମଧ୍ୟ ରହୁଛି। ଦେଖିବାକୁ ମିଳିଛି ଅନେକ ସମୟରେ ଯେଉଁ ସ୍ଥାନକୁ ପ୍ରଶାସନ ବିପଦପୂର୍ଣ୍ଣ ବୋଲି ନାଲି ପତାକା ଲଗାଇଥାଏ ସେହି ଜାଗାରେ ପର୍ଯ୍ୟଟକ ସ୍ନାନ କରିଥାନ୍ତି। ସେହିପରି ଦଗବାରିଣୀ ଛକଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବେଳାଭୂମିରେ ଲାଇଫ୍‌ଗାର୍ଡ ରହିଥାନ୍ତି। କୌଣସି ଅଘଟଣା ଘଟିଲେ ସେମାନେ ସଙ୍ଗେ ସଙ୍ଗେ ଉଦ୍ଧାର କରିଥାନ୍ତି। ମାତ୍ର ଅନେକ ପର୍ଯ୍ୟଟକ ଅବୁଝା ହେବା ସହ କଟକଣା ନ ମାନି ମନଇଚ୍ଛା ଯେଉଁଠି ପାରିଲେ ସେଠି ସ୍ନାନ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ବୋଲି ଜଣେ ଲାଇଫ୍‌ଗାର୍ଡ କହିଛନ୍ତି।

**ଅଢ଼େଇ ମାସରେ ସମୁଦ୍ରରେ ଗଲାଣି ୫ ଜୀବନ**



## ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀ ପୂଜା

**ପୁରୀ, ୧୪।୨(ସମିସ):** ସ୍ଥାନୀୟ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ବୁଧବାର ସରସ୍ୱତୀ ପୂଜା ପାଳନ ସହିତ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଉଦ୍‌ଘାଟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ଭବାନୀ ବଳିୟାର ସିଂ ଏବଂ ସଙ୍ଗଠକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମହାବିଦ୍ୟାଳୟର ସଦସ୍ୟ ଚକ୍ରଧର ମହାପାତ୍ର, ବିଜୟ କୁମାର ପଣ୍ଡା, ସୁକାନ୍ତ ପଣ୍ଡା, ଶ୍ୟାମପ୍ରକାଶ ସେନାପତି ଓ ଅଧ୍ୟାପକ ଉଦ୍ଧବ ନାୟକ, ବିଶ୍ୱମୋହନ ରଥ, ଦିବ୍ୟଜ୍ୟୋତି ମହାନ୍ତି, ଅଧ୍ୟାପିକା ତୃପ୍ତିରେଖା ମିଶ୍ର, କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ କଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ କରିବା ସହ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ପ୍ରଦର୍ଶନୀ ବୁଲାଇ ଦେଖାଇଥିଲେ।



## ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

**ପୁରୀ, ୧୪।୨(ସମିସ):** ଛାତ୍ରଛାତ୍ରୀ ଓ ଯୁବବର୍ଗ ଦେଶର ଭବିଷ୍ୟତ। ବାପା ମା'ମାନେ ବହୁତ କଷ୍ଟ ସହି ପିଲାମାନଙ୍କୁ ମଣିଷ କରନ୍ତି। ସେମାନେ ସଡ଼କ ସୁରକ୍ଷା ବିଷୟରେ ସଚେତନ ହେଲେ ଦେଶର ତଥା ପରିବାରର ମଙ୍ଗଳ ହୋଇପାରିବ ବୋଲି ବକ୍ତାମାନେ କହିଛନ୍ତି। ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହା ଗତମାସ ୧୫ ତାରିଖଠାରୁ ଜାରି ରହିଥିଲା। ଏହି ପରିପ୍ରେକ୍ଷୀରେ ପୁରୀସ୍ଥିତ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ନିୟମକୁ ସମସ୍ତେ ଅନୁପାଳନ କରିପାରିଲେ ଦୁର୍ଘଟଣା ଓ ଜୀବନହାନୀକୁ ରୋକଯାଇପାରିବ ବୋଲି କହିବା ସହ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଦିନ ସଡ଼କ ସୁରକ୍ଷାର ଦିନ ଓ ପ୍ରତିଟି ଗାଡ଼ିଚାଳକ ସୁରକ୍ଷା ନିୟମକୁ ପାଳନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଶ୍ୟାମପ୍ରକାଶ ସେନାପତି, ଭବାନୀ ପ୍ରସାଦ ବଳିୟାରସିଂହ, ଅଧ୍ୟାପକ ବିଶ୍ୱମୋହନ ରଥ, ଉଦ୍ଧବ ନାୟକ, ତୃପ୍ତିରେଖା ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ସାକ୍ଷୀଗୋପାଳ, ୧୪।୨ (ସମିସ):** ପୁରୀ-ଭୁବନେଶ୍ୱର ୩୧୬ନଂ ଜାତୀୟ ରାଜପଥର ପଟ୍ଟନାୟକିଆ ଛକ ନିକଟ ସାଇବାବା ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଦିନ ପରି ଠାକୁରଙ୍କ ନୀତିକାନ୍ତି କରାଯାଇଥିଲା। ମନ୍ଦିରକୁ ରଙ୍ଗ ବେରଙ୍ଗ ଫୁଲମାଳରେ ସଜା ଯାଇଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ଦିର ସମ୍ମୁଖରେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଠାକୁରଙ୍କ ପୂଜାରୀ ନିରଞ୍ଜନ ମିଶ୍ର ପୂଜାପାଠ କାର୍ଯ୍ୟ ତୁଲାଇଥିଲେ। ମନ୍ଦିରର ପରିଚାଳକ ପି.ଟୁନା ପାତ୍ରଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ କରାଯାଇଥିବା ବେଳେ ରମେଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ପାଲା ପରିବେଷଣ କରାଯାଇଥିଲା। ମନ୍ଦିର ତରଫରୁ ପାଲିଙ୍କି ଶୋଭାଯାତ୍ରା ପ୍ରଥମ କରି କରାଯାଇଥିଲା।



# ମହାପ୍ରଭୁଙ୍କୁ ଦର୍ଶନକଲେ ଅଶ୍ୱିନୀ ବୈଷ୍ଣବ



**ପୁରୀ ଷ୍ଟେସନ୍ ନିର୍ମାଣ କାର୍ଯ୍ୟର କଲେ ସମୀକ୍ଷା**

**ପୁରୀ, ୧୪।୨(ସମିସ)**

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରେଳ ଷ୍ଟେସନ ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୁଧବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ପୁରୀରେ ପହଞ୍ଚିଥିଲେ। ତାଙ୍କୁ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ଦଳୀୟ ନେତା ସ୍ୱାଗତ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କୁ ମନ୍ଦିର ଭିତରକୁ ପାଛୋଟି ଦେଇଥିଲେ। ସେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଥିଲେ। ବେଢ଼ା ପରିସର ବୁଲି ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିବା ପରେ ସିଂହଦ୍ୱାର ନିକଟରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ। କହିଥିଲେ, ସାଢ଼େ ୪ କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ଆଶୀର୍ବାଦ ନେବା ପାଇଁ ଆସିଥିଲି। ସମଗ୍ର ଓଡ଼ିଶାର ବିକାଶ ଓ ମଙ୍ଗଳ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି।

ଏହାପରେ କେନ୍ଦ୍ରମନ୍ତ୍ରୀ ପୁରୀ ରେଳ ଷ୍ଟେସନରେ ପହଞ୍ଚିଥିଲେ। ଅଧିକାରୀମାନେ ତାଙ୍କୁ ନେଇ ଚାଲିଥିବା କାମ ବୁଲାଇ ଦେଖାଇଥିଲେ। ଅଧିକାରୀଙ୍କ ସହ କାମ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ କଥା ହୋଇଥିଲେ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମରେ ଥିବା ପୁରୀ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ଲାଗି ପ୍ରକ୍ରିୟା ଜାରି ରହିଛି। କାମ ଦ୍ରୁତଗତିରେ ଆଗେଇ ଚାଲିଛି। ପାଖାପାଖି ୩ଟି ଯାକ ମହଲା ଓ କାଷ୍ଟିଂ କାର୍ଯ୍ୟ ସରି ଆସିଲାଣି। ଏହାପରେ ଉପର ଡିଜାଇନ୍ ହେବ। ଏହି କାମକୁ ଯଥାଶୀଘ୍ର ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପୁରୀକୁ ଲକ୍ଷାଧିକ ଭକ୍ତଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ। ଆସନ୍ତା ରଥଯାତ୍ରା ପାଇଁ ସୁନ୍ଦର ବ୍ୟବସ୍ଥା ହେବ। ଗତବର୍ଷ ରଥଯାତ୍ରା ସମୟରେ ରେଳ ବିଭାଗ ପକ୍ଷରୁ ଯେଉଁଭଳି ସୁବିଧା କରାଯାଇଥିଲା ଏବର୍ଷ ମଧ୍ୟ ସେହିଭଳି ବ୍ୟବସ୍ଥା ଗ୍ରହଣ କରାଯିବ। ଷ୍ଟେସନରେ ଯାତ୍ରୀଙ୍କ ଲାଗି ସମସ୍ତ ସୁବିଧା ଉପଲବ୍ଧ ହେବ। ତେବେ ଷ୍ଟେସନର ଡିଜିଟାଲ ଟୁଇନ ରହିବ, ଏହାଦ୍ୱାରା ମେଣ୍ଟେନାନ୍ସ କରିବା ସହଯୋଗ ହେବ। ସମଗ୍ର ଦେଶରେ ୧୦୦୦ରୁ ଉର୍ଦ୍ଧ୍ୱ ରେଳ ଓଭର ବ୍ରିଜ ତିଆରି ହୋଇଛି। ଏହି କ୍ରମରେ ପୁରୀ ସିଦ୍ଧ ମହାବୀରଠାରେ ବହୁ ପ୍ରତିକ୍ଷୀତ ରେଳ ଓଭରବ୍ରିଜ ହେବ। ମହାପ୍ରଭୁଙ୍କ ଆଶୀର୍ବାଦରେ ଅଧିକ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ।

ସୂଚନାଥାଉ କି, ୧୨୪.୮୯ କୋଟି ଟଙ୍କା ବ୍ୟୟ ଅଟକଳରେ ପୁରୀ ରେଳ ଷ୍ଟେସନର ନବୀକରଣ କରାଯାଉଛି। ଏହାକୁ ବିଶ୍ୱସ୍ତରୀୟ ରେଳ ଷ୍ଟେସନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୩୦ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଟାର୍ଗେଟ୍ ରହିଛି।

## 'ଖେଳକୁଦ ମାଧ୍ୟମରେ ପିଲାଙ୍କୁ ପାଠ ପଢ଼ାଇବା ଗୁରୁଙ୍କ କର୍ତ୍ତବ୍ୟ'

**ଡେଲାଙ୍ଗ, ୧୪।୨(ସମିସ):** ଡେଲାଙ୍ଗ ବ୍ଲକ ଗୁଆଳିପଡ଼ା ପଞ୍ଚାୟତର ହୁମର ଗ୍ରାମସ୍ଥିତ ଗଡେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ୨ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସରସ୍ୱତୀ ପୂଜାରେ ପୂର୍ବତନ ରଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଓ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚିଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମଣ୍ଡଳ ଶିକ୍ଷାଧିକାରୀ ବିନୋଦ କୁମାର ପାରମାଣିକ, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ଆର୍ତ୍ତତ୍ରାଣ ମିଶ୍ର, ଯୁଧିଷ୍ଠିର ପରିଡ଼ା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପବିତ୍ର କୁମାର ପଣ୍ଡା, ଅମରେନ୍ଦ୍ର ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଜୋତ୍ସ୍ନାରାଣୀ ସାମନ୍ତରାୟ, ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ୨ ବରପୁତ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଖେଳକୁଦ ମାଧ୍ୟମରେ କୋମଳମତି ଶିଶୁମାନଙ୍କୁ ଶିକ୍ଷକମାନେ ଶିକ୍ଷା ପ୍ରଦାନ କରିବା ଉଚିତ ଓ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟ ସହିତ ଯୋଡ଼ିହୋଇ ରହିଲେ ବିଦ୍ୟାଳୟର ନିଶ୍ଚୟ ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ 'ମୋ ସ୍କୁଲ' ଜରିଆରେ ଅନୁମୋଦିତ ୧.୫୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ କ୍ରୀଡ଼ା ଉପକରଣ ଅତିଥିମାନଙ୍କ ଦ୍ୱାରା ଅନାବରଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ବିଶ୍ୱାଳଙ୍କ ତତ୍ୱାବଧାନରେ ଏହି ୨ ରଷ୍ଟ୍ରନେତାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



## ଚାଷୀ ଓ ବ୍ୟବସାୟୀଙ୍କୁ ମିଳିବ ପର୍ଯ୍ୟାପ୍ତ ସୁବିଧା

# ବାଘ ଗଡ଼ିବା ସ୍ଥାନରେ ଅତ୍ୟାଧୁନିକ 'ନୟାଗଡ଼ ମଣ୍ଡି'

ନୟାଗଡ଼, ୧୪।୨(ସମିସ): ଦିନ ଥିଲା ନୟାଗଡ଼ ଡେଙ୍ଗା ଆମ୍ବ ଉଠାଣି ପାଖରେ ସନ୍ଧ୍ୟା ହେଲେ ଲୋକ ଯିବାକୁ ଭୟ କରୁଥିଲେ। ଏହି ସ୍ଥାନରେ ବାଘ ପାହାଡ଼ ଉପରୁ




ତଳକୁ ଗଡ଼େ ବୋଲି ଅନେକ ଲୋକକଥା ଥିଲା। ଉକ୍ତ ସ୍ଥାନ ଆଜି ନୟାଗଡ଼ ଜିଲ୍ଲା ଅର୍ଥନୈତିକ ବିକାଶର ପ୍ରମୁଖ ପ୍ରାଣକେନ୍ଦ୍ର ପାଲଟିଛି। ଏହି ବାଘ ଗଡ଼ିବା ସ୍ଥାନରେ ନୂଆ ରୂପରେ ଝଲସୁଛି 'ନୟାଗଡ଼ ମଣ୍ଡି'। ବାହାଡ଼ଝୋଲା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ରହିଥିବା ଏହି ସ୍ଥାନରେ ପ୍ରଥମେ ହାଟ ଆରମ୍ଭ ହୋଇଥିଲା। ହାଟପଦା ଭାବେ ପରିଚିତ ଉକ୍ତ ଅଞ୍ଚଳ ଆଜି ବିକାଶ ଫୁଆରରେ ଉତ୍‌ଫୁଲିତ ହେଉଛି। ହାଟ କ୍ରମଶଃ ବନ୍ଦ ହୋଇଯାଇଥିବା ବେଳେ ଉକ୍ତ ସ୍ଥାନରେ ଆଜି ନିର୍ମାଣ ହୋଇଛି ବିଶାଳ ତଥା ଅତ୍ୟାଧୁନିକ ନୟାଗଡ଼ ମଣ୍ଡି। ବିଗତ ଦିନରେ ଆର୍‌ଏମସି ଏଠାରେ ହାଟ ନିର୍ମାଣ କରି ସଫଳତା ପାଇ ନଥିବା ବେଳେ ଏବେ ଉକ୍ତ ଅଞ୍ଚଳରେ ୨୨ ଜଣ ବ୍ୟବସାୟୀ ଦୈନିକ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରୁଛନ୍ତି। ବାହାଡ଼ଝୋଲା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ପ୍ରଥମେ ଏହି ସ୍ଥାନରେ କିଛି ଗୋଦାମ ଗୃହ ନିର୍ମାଣ କରାଯାଇଥିଲା। ନୟାଗଡ଼ ସହର ମଧ୍ୟରେ ରହିଥିବା ପରିବା ଗୋଦାମଗୁଡ଼ିକୁ ଉକ୍ତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା। ପରିବାର ଗୋଦାମଗୁଡ଼ିକ ଦୈନିକ ଶହ ଶହ ସଂଖ୍ୟାରେ ଚାଷୀ ଏବଂ ବ୍ୟବସାୟୀ ଆସୁଥିବାରୁ ଏଭଳି ପ୍ରୟାସ କରାଯାଇଥିବା ବେଳେ ଆଜି ଉକ୍ତ ସ୍ଥାନ ଆହୁରି ବିକଶିତ ହୋଇଛି। ପ୍ରତ୍ୟେକ ପରିବା ବ୍ୟବସାୟୀଙ୍କ ପାଇଁ ଆବଶ୍ୟକ ଥିବା କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇଛି। ଏହା ସହିତ ଆରଏମ୍‌ସି ସଭାଗୃହ, ୩ଟି ଷ୍ଟାଫ୍ କ୍ୱାର୍ଟର ନିର୍ମାଣ କରାଯାଇଛି। ସମ୍ପୂର୍ଣ୍ଣ ଅଟ୍ଟାଳିକାକୁ ନୂଆ ରୂପରେ ରୂପାନ୍ତରିତ କରାଯାଇଛି। ଆଲୋକୀକରଣ ବ୍ୟବସ୍ଥା କରାଯାଇଥିବାବେଳେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାର୍କେଟ ପାଇଁ ରହିଥିବା ଦୁଇଟି ଗେଟ୍ ତଥା ମୁଖଶାଳାର ମଧ୍ୟ ରୂପାନ୍ତରଣ କରାଯାଇଛି।

ଆର୍‌ଏମସି ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏଥିପାଇଁ ୩ଟି ପର୍ଯ୍ୟାୟରେ ୨ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ବ୍ୟବସାୟୀ ଓ ଚାଷୀଙ୍କ ସୁବିଧା ପାଇଁ ଏହି ଅତ୍ୟାଧୁନିକ ରୂପାନ୍ତରିତ ନୟାଗଡ଼ ମଣ୍ଡି ଲୋକାର୍ପିତ ହେବାକୁ ଯାଉଛି। ଏହି ସ୍ଥାନକୁ ଦୈନିକ ୧୫ ଶହରୁ ଊର୍ଦ୍ଧ୍ୱ ଚାଷୀ ଏବଂ ୩ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଆସୁଥିବା ବେଳେ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର ହେଉଛି। ଆଳୁ, ପିଆଜଠାରୁ ଆରମ୍ଭ କରି ପ୍ରତ୍ୟେକ ସବୁଜ ପନିପରିବା ପାଇଁ ନୟାଗଡ଼ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣର ବ୍ୟବସାୟୀ ଏହି ସ୍ଥାନ ଉପରେ ନିର୍ଭର କରୁଛନ୍ତି। ଏହା ସହିତ ଇମଣ୍ଡି ଜରିଆରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପନିପରିବା କିଣାଯିବା ଏବଂ ନୟାଗଡ଼ରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ପନିପରିବା ବିକ୍ରି ପାଇଁ ପଠାଇବା ବ୍ୟବସ୍ଥା କରାଯାଉଛି। ବ୍ୟବସାୟୀଙ୍କ ଦ୍ୱାରା ଚାଷୀଙ୍କଠାରୁ କିଣା ଯାଉଥିବା ସବୁଜ ପନିପରିବାକୁ ସଂରକ୍ଷଣ କରିବା ପାଇଁ ୧୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏକ ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ଏଥିପାଇଁ ନିୟନ୍ତ୍ରିତ ବଜାର କମିଟି ୧୭ ଲକ୍ଷ ଟଙ୍କା ବ୍ୟୟ କରିଛି।

- ୨.୮୬ କୋଟି ଟଙ୍କା ବ୍ୟୟରେ ହୋଇଛି ରୂପାନ୍ତରଣ
- ଦୈନିକ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ
- ୧୦ ମେଟ୍ରିକ ଟନ୍ ଶୀତଳଭଣ୍ଡାର ବ୍ୟବସ୍ଥା



## ଶ୍ରୀରଘୁନାଥ ଜିଉଙ୍କ ଓଢ଼ଣ ଓଲାଗି ପାଳିତ



ଓଡ଼ଗାଁ, ୧୪।୨(ସମିସ): ପ୍ରଭୁ ଶ୍ରୀରଘୁନାଥ ଜିଉଙ୍କ ବୁଧବାର ବସନ୍ତ ପଞ୍ଚମୀଠାରୁ ଓଢ଼ଣ ଓଲାଗି ନୀତି ପାଳିତ ହୋଇଛି। ଶ୍ରଦ୍ଧାଳୁମାନେ ବୁଧବାରଠାରୁ ଶ୍ରୀଜିଉଙ୍କ ପୂର୍ଣ୍ଣାଙ୍ଗ ରୂପ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିପାରିବେ। ଆଜି ବସନ୍ତ ପଞ୍ଚମୀ ନୀତି ଅନୁସାରେ ଖେଚୋଡ଼ି ଧୂପ ପରେ ମଧ୍ୟାହ୍ନରେ ଶ୍ରୀଜିଉଙ୍କ ଆଜ୍ଞାମାଳ ପାଇ ରତ୍ନବେଦିରେ ଆଳତି କରାଯାଇ ମଣୀବିମାନରେ ବିଜେ କରି ବସନ୍ତ ପଞ୍ଚମୀ ନିତୀ ମଣ୍ଡପକୁ ବିଜେ ହୋଇଥିଲେ। ଦୋଳି ଖଟୁଲିରେ ଶ୍ରୀଜିଉମାନେ ଅବସ୍ଥାନ କରିବା ପରେ ପଞ୍ଚ ଉପଚାରରେ ଶ୍ରୀଜିଉଙ୍କ ଶ୍ରୀପଞ୍ଚମୀ ବନ୍ଦାପନା କରାଯାଇଥିଲା। ରାତିରେ ପୁନଃ ମଣୀ ବିମାନରେ ପ୍ରତିମାଙ୍କୁ ନଗର ପରିକ୍ରମା କରାଯିବା ସହ ଚାଚେରୀ ଭୋଗ ନୈବେଦ୍ୟ ପାଇ ମନ୍ଦିରେ ପ୍ରବେଶ କରିଥିଲେ। ଚତୁଃଶମ, ଗୀତଗୋବିନ୍ଦ ଓ ବଡ଼ସିଂଘାର ନିତି କରାଯାଇ ରାତ୍ର ୧୦ଟାରେ ପହୁଡ଼ ପଡ଼ିଥିଲା। ମନ୍ଦିର ବେଢ଼ାରେ ପାର୍ଶ୍ୱ ଦେବୀ ରୂପେ ପୂଜିତ ମା' ସରସ୍ୱତୀଙ୍କର ସ୍ୱତନ୍ତ୍ର ରାଜଭୋଗ ଓ ଆଳତି ଅର୍ପଣ କରାଯାଇଥିଲା। ଆଜିର ପାଳିଆ ପଣ୍ଡା ବେଣୁଧର ନନ୍ଦ, ପରିଛା ହରିବନ୍ଧୁ ଷଡ଼ଙ୍ଗୀ ଓ ପୂଜକ ପରିଷଦର ସମସ୍ତ କର୍ମକର୍ତ୍ତା ଏବଂ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଶୃଙ୍ଖଳାର ସହିତ ଆଜିର ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ୧୮ ଗ୍ରାମ ବ୍ରାଉନ୍‌ସୁଗର ଜବତ; ୧ ଗିରଫ

ନୟାଗଡ଼, ୧୪।୨(ସମିସ): ନୟାଗଡ଼ ଅବକାରୀ ବିଭାଗ ୧୮ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ଼ ଶରଣକୁଳ ଥାନା ଅନ୍ତର୍ଗତ ହରିହରପୁର ଗ୍ରାମର ପ୍ରଭାତ କୁମାର ସ୍ୱାଇଁ। ନୟାଗଡ଼ ତ୍ରିନାଥ ଛକ ନିକଟରୁ ନୟାଗଡ଼ ଅବକାରୀ ବିଭାଗ ତାଙ୍କଠାରୁ ବ୍ରାଉନସୁଗାର ଏବଂ ଏକ ବାଇକ୍ ଜବତ କରିଛି। ଏହାକୁ ନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ଭକ୍ତବତ୍ସଳ ବର୍ମା ଏବଂ ଏସ୍‌ଆଇ ଅର୍ପିତା ରାଣୀ ସାହୁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଛି।

## ବିଜେଡି ପକ୍ଷରୁ ଗୃହ ଟ୍ୟାଗିଂ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଖଣ୍ଡପଡ଼ା, ୧୪।୨(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବଜାର ସାହିସ୍ଥିତ ସ୍ୱର୍ଗତ ଅରୁଣ ନିବାସ ପରିସରରେ ବିଜେଡି ପକ୍ଷରୁ ଗୃହ ଟ୍ୟାଗିଂ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଆଜି ମଧ୍ୟାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ କିଆଝର ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ପୂର୍ବତନ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂହ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିକାଶଧାରାକୁ ପୂର୍ବପରି ତ୍ୱରାନ୍ୱିତ କରିବା ପାଇଁ ମତ ପ୍ରକାଶ କରିଥିଲେ। ଡିସେମ୍ବର ୧୨ ତାରିଖରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ଓ ଏନ୍‌ଏସିରେ ଗୃହ ଟ୍ୟାଗିଂ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ବିଜେଡି ମହିଳା ସଭାପତି ଚନ୍ଦ୍ରମା ପ୍ରଧାନ, ବନମାଳିପୁର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ଶିଖରପୁର ସରପଞ୍ଚ ପ୍ରତିନିଧି ନବକିଶୋର ସାହୁ, ବୋଦସା ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ସିଂଘାପଡ଼ା ପୂର୍ବତନ ସରପଞ୍ଚ ରମାକାନ୍ତ ସେଠୀ, ଗଡ଼ିଆସାହି ପୂର୍ବତନ ସରପଞ୍ଚ ବିପିନ କୁମାର ସାମଲ, ଯୋଗିଆପଲ୍ଲୀ ପୂର୍ବତନ ସରପଞ୍ଚ ପରୀକ୍ଷିତ ମାଝୀ, ଜଗନ୍ନାଥ ପ୍ରସାଦ ସମିତି ସଭ୍ୟ ଚନ୍ଦ୍ରମଣି ସ୍ୱାଇଁ, ପ୍ରାକ୍ତନ ଅଧ୍ୟାପକ ଜନ୍ମେଜୟ ନାୟକ, ଆଇନଜୀବୀ ବାବୁଲି ହରିଚନ୍ଦ୍ର ପ୍ରଧାନ, ସଂଗଠକ ଅରୁଣ ପଟ୍ଟନାୟକ, ନିହାର ରଞ୍ଜନ ମିଶ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ସହରରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

# ବିଧାୟକଙ୍କ ଦ୍ୱାରା ୪ କିଓସ୍କୋ ଲୋକାର୍ପିତ

ନୟାଗଡ଼, ୧୪।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳଯୋଗାଣକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ନୟାଗଡ଼ ସହରରେ ବିଶୁଦ୍ଧ ପାନୀୟ ଜଳ ପାଇଁ ମେଗା ପାନୀୟ ଜଳ ବ୍ୟବସ୍ଥା ହୋଇଥିବା ବେଳେ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସୁବିଧା ପାଇଁ କିଓସ୍କୋ ନିର୍ମାଣ କରାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଏହି କିଓସ୍କୋଗୁଡ଼ିକ ନିର୍ମାଣ କରାଯାଇଥିବା ବେଳେ ଆଜି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଦ୍ୱାରା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହା ଲୋକାର୍ପିତ ହୋଇଛି। ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ,

- ମିଶନ ଶକ୍ତି ଗୃହ, ତ୍ରିନାଥ ମନ୍ଦିର ଉଦ୍‌ଘାଟିତ

ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନୟାଗଡ଼ ଟ୍ୟାକ୍ସି ଷ୍ଟାଣ୍ଡ, ବଲାଙ୍ଗୀ ପାର୍କ ପରିସରରେ ନିର୍ମାଣ କରାଯାଇଥିବା କିଓସ୍କୋ ଆଜି ଲୋକାର୍ପିତ ହୋଇଛି। ପ୍ରତ୍ୟେକ କିଓସ୍କୋ ନିର୍ମାଣ ପାଇଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ଏହା ସହିତ ନୟାଗଡ଼ ହାଟପଦା ସାହିଠାରେ ପୌର ପରିଷଦ ଆନୁକୂଲ୍ୟରେ ନିର୍ମାଣ କରାଯାଇଥିବା ମିଶନ ଶକ୍ତି ଗୃହ ଏବଂ ବଲାଙ୍ଗୀବନ୍ଧ ସାହିଠାରେ ନିର୍ମାଣ କରାଯାଇଥିବା ତ୍ରିନାଥ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼



ବିଧାୟକଙ୍କ ସମେତ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏହି ଅବସରରେ ବଲାଙ୍ଗୀବନ୍ଧସାହି ତ୍ରିନାଥ ମନ୍ଦିରଠାରେ ଅନୁଷ୍ଠିତ ସଭାରେ ବିଧାୟକ ନୟାଗଡ଼ ଆଜି ବିକାଶ ଓ ଉନ୍ନତି ପର୍ବରେ ସାମିଲ ହୋଇ ସମୃଦ୍ଧଶାଳୀ ହୋଇଛି। ଏଥିପାଇଁ ନୟାଗଡ଼ବାସୀଙ୍କ ସ୍ନେହ ଓ ମମତା ଗୁରୁତ୍ୱ ବହନ କରିଛି। ପ୍ରତ୍ୟେକ ଇଞ୍ଚ ମାଟି ନୟାଗଡ଼ ବିକାଶର କଥା କହିବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ।

## ଚକ୍ରଧର ପ୍ରସାଦ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭାପୁର, ୧୪।୨ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧର ପ୍ରସାଦ ପଞ୍ଚାୟତସ୍ଥିତ ଚକ୍ରଧର ପ୍ରସାଦ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ମୁଖ୍ୟବକ୍ତା ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜୟ କୁମାର କର ଏବଂ ସମିତିସଭ୍ୟା ଭାଗ୍ୟଶ୍ରୀ



ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠପଢ଼ି ଭଲ ମଣିଷ ହେବାକୁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା; ନୟାଗଡ଼ ରନର୍ସ ଅପ୍



ନୟାଗଡ଼, ୧୪।୨(ସମିସ): 'ନୂଆ-ଓ' ମାଧ୍ୟମରେ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୀ ଶ୍ରୀ ଜଗନ୍ନାଥ ଷ୍ଟାଡିୟମଠାରେ ଫେବୃଆରୀ ୬ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଏହି କ୍ରିକେଟ ପ୍ରତିଯୋଗିତାରେ ନୟାଗଡ଼ ଟିମ୍ ଓ କେନ୍ଦ୍ରାପଡ଼ା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଦଳ ବିଜେତା ହୋଇଥିବା ବେଳେ ନୟାଗଡ଼ ଦଳ ରନର୍ସ ଅପ୍ ହୋଇଛି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ସହାୟତା ରାଶି ପ୍ରଦାନ କରିଥିଲେ। ନୟାଗଡ଼ ଦଳକୁ ୧ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବା ସୂଚନା ମିଳିଛି।

## ସହିଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଓଡ଼ଗାଁ, ୧୪।୨(ସମିସ): ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ସହିଦ ହୋଇଥିବା ବୀର ଜବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ହିନ୍ଦୁ ସେନାଙ୍କ ଦ୍ୱାରା ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଓଡ଼ଗାଁ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର ପ୍ରାଙ୍ଗଣରୁ ରାଷ୍ଟ୍ରୀୟ ହିନ୍ଦୁ ସେନାର ସଦସ୍ୟଙ୍କ ଦ୍ୱାରା ସହିଦଙ୍କ ସମ୍ମାନାର୍ଥେ ଏକ ଶୋଭାଯାତ୍ରା ବାହାରି ବ୍ଲକ ରୋଡ୍‌ରେ ଅବସ୍ଥିତ ଗାନ୍ଧୀ ପୀଠଠାରେ ପହଞ୍ଚିଥିଲେ। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ରାଷ୍ଟ୍ରୀୟ ହିନ୍ଦୁ ସେନା ପ୍ରମୁଖ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ହାତରେ କ୍ୟାଣ୍ଡେଲ ଜଳାଇ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗାନ୍ଧୀ ମୂର୍ତ୍ତି ନିକଟରେ ପହଞ୍ଚିବା ସହିତ ସେଠାରେ କ୍ୟାଣ୍ଡେଲଗୁଡ଼ିକୁ ସମର୍ପିତ କରିଥିଲେ। ହିନ୍ଦୁସେନା ସଂଗଠକ ତପନ କୁମାର ସାମନ୍ତରାୟ, ପ୍ରସାଦ କୁମାର ଅଧିକାରୀ, ସତ୍ୟଜିତ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କୁରାଳଠାରେ ସହିଦଙ୍କ ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

## ଅସମ୍ଭାଳ ଟ୍ରାଫିକ୍ ଜାମ, ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

# କେବେ ବଦଳିବ ଭାପୁର ବଜାର ରୂପରେଖ

ଭାପୁର, ୧୪।୨(ସମିସ): ନୟାଗଡ଼ ଜିଲ୍ଲାରେ ୮ଟି ବ୍ଲକ ରହିଛି। ପ୍ରତ୍ୟେକ ବ୍ଲକର ମୁଖ୍ୟ ବଜାର ଉନ୍ନତି ହୋଇଥିବା ବେଳେ ଭାପୁର ବ୍ଲକ ହେଡ କ୍ୱାର୍ଟର ତଥା ଭାପୁର ବଜାର ଆଜି ବି ଗାଁ ଛକ ଭଳି




ଲାଗୁଛି। ନାଁ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇପାରିଛି, ନା ରାସ୍ତା ପାର୍ଶ୍ୱରୁ କ୍ୟାବିନ୍ ହଟିଛି। ଭାପୁର ବଜାର ରୂପାନ୍ତରଣ ପାଇଁ ପ୍ରଶାସନର ନିଦ୍ରାଭଙ୍ଗ ହୋଇ ପାରୁନି। ଫତେଗଡ଼ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତାରେ ଅସମ୍ଭାଳ ଟ୍ରାଫିକ ଜାମ ସର୍ବଦା ଲାଗି ରହୁଥିବା ବେଳେ ବେଆଇନ ପାର୍କିଂ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଗୋଟିଏ ବ୍ଲକ ହେଡ୍ କ୍ୱାର୍ଟର ସହରୀକରଣ ପାଇଁ ଯେତିକି ଗୁରୁତ୍ୱ ଦିଆଯିବା କଥା, ତାହା କରାଯାଉନାହିଁ। ଭାପୁର ବଜାରରେ ସବୁବେଳେ ଅସମ୍ଭାଳ ଟ୍ରାଫିକ ଜାମ ରହୁଥିବାରୁ ଜନସାଧାରଣ ନାହିଁ ନଥିବା ହଇରାଣ ହେଉଛନ୍ତି। ଏନେଇ ପ୍ରଶାସନିକ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିବା ଜନସାଧାରଣଙ୍କୁ ବ୍ୟଥିତ କରିଛି।

ଭାପୁର ବଜାର ଜିଲ୍ଲାର ଅନ୍ୟତମ ଜନଗହଳି ବଜାର ଭାବେ ଗଣତି ହେଉଛି। ବ୍ଲକର ଦେଢ଼ ଲକ୍ଷ ଲୋକ ସବୁଦିନ ଭାପୁର ବଜାର, ବ୍ଲକ, ତହସିଲ, ଥାନା, କୋର୍ଟ କଚେରୀ ଓ ବ୍ୟାଙ୍କ ସେବା ପାଇଁ ଆସନ୍ତି। ବର୍ତ୍ତମାନ ଏହି ବଜାର ଦେଇ ଅନେକ ଭାରୀଯାନ ଦିନରାତି ଯିବା ଆସିବା କରୁଛି। ବଜାର ଅଣଓସାର ଥିବା ଏବଂ ଅନେକ ଦୋକାନୀ ରାସ୍ତାକୁ ଦୋକାନ ବଢ଼ାଇ ବେପାର ବଣିଜ କରୁଥିବାରୁ ଏହା ଆହୁରି ସଂକୀର୍ଣ୍ଣ ହୋଇଯାଉଛି। ଜନସାଧାରଣ ରାସ୍ତା ଉପରେ ବାଇକ୍ ରଖି ବଜାର ସଉଦା କରିବା ଯୋଗୁଁ ବଡ଼ ଗାଡ଼ି ଯାତାୟାତ କରିପାରୁ ନାହିଁ। ଫଳରେ ଅସମ୍ଭାଳ ଟ୍ରାଫିକ ଜାମ ହେଉଛି। ଏପରିକି ବେଳେ ବେଳେ ଆମ୍ବୁଲାନ୍ସ ଯିବା ଆସିବା ସମୟରେ ଦୀର୍ଘ ସମୟ ଫଶି ରହୁଛି। ଏ ନେଇ ପୁଲିସ ପ୍ରଶାସନ ଓ ତହସିଲ ପ୍ରଶାସନ ନିଜେ ସବୁ ଦେଖି ନଦେଖିଲା ପରି ଅଭିନୟ କରୁଥିବା ଅଭିଯୋଗ ହେଉଛି। ରାସ୍ତାରେ ବେଆଇନ ପାର୍କିଂ ଏବଂ ରାସ୍ତାକୁ ମଡ଼ାଇ ଦୋକାନ କରିଥିବା ବ୍ୟବସାୟୀଙ୍କୁ ପୁଲିସ ତାଗିଦ କରିବାର ଆବଶ୍ୟକତା ରହିଛି। ତହସିଲଦାର ସବୁବେଳେ ଟ୍ରାଫିକ ସମସ୍ୟା ନିଜେ ଭୋଗୁଥିବା ବେଳେ ସେ କୌଣସି ପଦକ୍ଷେପ ନନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଭଳି ଟ୍ରାଫିକ ସମସ୍ୟା ବାହାଡା ବଜାରରେ ହେଉଥିବାରୁ ଭାପୁର ଓ ଖଣ୍ଡପଡ଼ା ତହସିଲଦାର ମିଳିତ ଭାବେ ବଜାରରୁ ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତ କରିଥିଲେ। ଭାପୁର ବଜାର ସମସ୍ୟା ଦୂର କରିବା ପାଇଁ ତହସିଲଦାର କେବେ ପଦକ୍ଷେପ ନେବେ ସେନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାପୁର ବାଇପାସ୍ ରାସ୍ତାର ହନୁମାନ ମନ୍ଦିର ପୂର୍ବରୁ ବଜାର ବାହାରେ ଏକ ବାଇପାସ୍ ରାସ୍ତା ବାହାରି ଶାଳପଡ଼ା ପର୍ଯ୍ୟନ୍ତ ନିର୍ମାଣ ହୋଇପାରିଲେ ବଜାର ଗହଳି କମି ପାରନ୍ତା ବୋଲି ମତ ପ୍ରକାଶ ପାଇଛି।



## ଲଘୁଖଣିଜ ସମ୍ପଦ ଲୁଟ୍ ଘଟଣା

# ଆକ୍ସନ ମୋଡ୍‌ରେ ପୁଲିସ; ଖଣି ମାଫିଆଙ୍କୁ ନିସ୍ତାର ନାହିଁ

ଖୋର୍ଦ୍ଧା, ୧୪।୨(ସମିସ)





- ଦୁଇ ବର୍ଷରେ ୫୧୮ ଗାଡ଼ି, ୧୦୦ ପାୱାରଟିଲର, ୩୧ ଜେସିବି, ୬ କମ୍ପ୍ରେସର ଜବତ
- ଗିରଫ ହୋଇଛନ୍ତି ୪୩୩ ଜଣ
- ପୂର୍ବବର୍ଷ ଅପେକ୍ଷା ଗତବର୍ଷ ବଢ଼ିଛି ଖଣି ଚଢ଼ଉ

ଖୋର୍ଦ୍ଧା ଜିଲ୍ଲାରେ ବେଧଡ଼କ ହରିଲୁଟ୍ ଚାଲିଛି ଲଘୁ ଖଣିଜସମ୍ପଦ। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା, ମୋରମ, ବାଲି, କଳାମୁଗୁନି ପଥର, ଆଦିକୁ ଚାଲାଣ କରୁଛନ୍ତି। ବେଆଇନ ଭାବେ ଖଣି ଖନନ ଚାଲିଛି। ଏଠାରୁ ପଥର ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଛି। ପ୍ରଶାସନର ବାରମ୍ବାର ଚଢ଼ଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ମାତ୍ର ଖଣିମାଫିଆଙ୍କୁ ସାବାଡ଼ କରିବାକୁ ଅଣ୍ଟା ଭିଡ଼ିଛି ପୁଲିସ। ଆକ୍ସନ ମୋଡ୍‌କୁ ଆସିଛି ପୁଲିସ। ଖଣି ମାଫିଆଙ୍କୁ ମିଳିବନି ମାଫ୍। ପୁଲିସ ପକ୍ଷରୁ ବେଆଇନ ପଥର ମାଫିଆ ଏବଂ ଖଣିଖାଦନ ଉପରେ ଚଢ଼ଉ ଜାରି ରହିଛି। ୨୦୨୨ ଅପେକ୍ଷା ୨୦୨୩ରେ ଖୋର୍ଦ୍ଧା ଉପଖଣ୍ଡ ପୁଲିସ ୯୧ଟି ଅଧିକ ମାମଲା ରୁଜୁ କରିଛି। ଏହି ଦୁଇବର୍ଷ ମଧ୍ୟରେ ପୁଲିସ ବିଭିନ୍ନ ଖଣି ଅଞ୍ଚଳରୁ ଶହେଟି ପାୱାରଟିଲର ମେସିନ ଜବତ କଲାଣି। ସେହିପରି ଦୁଇବର୍ଷରେ ପୁଲିସ ୫୧୮ ଗାଡ଼ି, ୩୧ ଜେସିବି, ୬ କମ୍ପ୍ରେସର ଜବତ କରିଥିବାବେଳେ ମୋଟ ୫୯୦ଟି ମାମଲାରେ ୪୩୩ ଜଣଙ୍କୁ ଗିରଫ କରିଛି।

୨୦୨୨ରେ ପୁଲିସ ୨୪୯ କେଶ ରୁଜୁ କରିଥିବାବେଳେ ୨୦୨୩ରେ ୩୪୦ ମାମଲା ରୁଜୁ କରିଛି। ଗତବର୍ଷ ଉପଖଣ୍ଡର ବିଭିନ୍ନ ଥାନା ଅଞ୍ଚଳରେ ଥିବା ଖଣିରେ ଚଢଉ କରି ପୁଲିସ ୨୮୭ ଗାଡି, ୯ଟି ଜେସିବି, ୨ଟି କମ୍ପ୍ରେସର ସମେତ ୬୨ଟି ପାୱାରଟିଲର ଜବତ କରିଥିଲା। ସେହିପରି ୨୦୨୨ରେ ବିଭିନ୍ନ ଖଣି ଅଞ୍ଚଳରେ ଚଢଉ କରି ପୁଲିସ ୨୪୯ଟି ମାମଲାରେ ୨୦୨ଗାଡି, ୨୨ଟି ଜେସିବି, ୪ଟି କମ୍ପ୍ରେସର, ଗୋଟିଏ ପ୍ରୋକଲିନ ଏବଂ ୩୬ଟି ପାୱାରଟିଲର ଜବତ କରିଥିଲା। ୨୦୨୨ରେ ସର୍ବାଧିକ ୬୫ ଲେଖାଏଁ ମାମଲା ସଦର ଥାନା ଓ ଜଙ୍କିଆ ଥାନାରେ ହୋଇଥିଲା। ସଦରଥାନାରେ ଏହି ବର୍ଷ ୮୨ ଜଣ ଗିରଫ ହୋଇଥିବାବେଳେ ୫୩ ପଥର ଗାଡି, ୧୨ ପାୱାରଟିଲର, ୪ କମ୍ପ୍ରେସର ଓ ଗୋଟିଏ ପ୍ରୋକଲିନ ମେସିନକୁ ପୁଲିସ ଜବତ କରିଥିଲା। ଜଙ୍କିଆ ଥାନାରେ ୫ ଜଣ ଗିରଫ ହୋଇଥିଲେ। ୮ ଜେସିବି, ୭୩ ପଥର ଗାଡି, ୧୦ ପାୱାରଟିଲର ପୁଲିସ ଜବତ କରିଥିଲା।

ସେହିପରି ୨୦୨୩ରେ ମଧ୍ୟ ଏହି ଦୁଇଥାନାରେ ସର୍ବାଧିକ ମାମଲା ହୋଇଥିଲା। ଏହିବର୍ଷ ସଦରଥାନାରେ ୯୨ଟି ମାମଲା ହୋଇଥିବାବେଳେ ୭୮ଜଣ ଗିରଫ ହୋଇଛନ୍ତି। ଏହିବର୍ଷ ୭୫ଟି ପଥର ଗାଡି, ୪ଟି ଜେସିବି, ୨୪ପାୱାରଟିଲର ଓ ଗୋଟିଏ କମ୍ପ୍ରେସରକୁ ପୁଲିସ ଜବତ କରିଥିଲା। ଏଥିସହିତ ଜଙ୍କିଆ ଥାନାରେ ଉକ୍ତବର୍ଷ ୧୦୫ଟି ମାମଲା ହୋଇଥିବାବେଳେ ୫୫ଜଣଙ୍କୁ ପୁଲିସ ଗିରଫ କରିଥିଲା। ଉକ୍ତବର୍ଷ ୨ଟି ଜେସିବି, ୮୭ ପଥର ଗାଡି, ୨୭ ପାୱାରଟିଲର ଓ ଗୋଟିଏ କମ୍ପ୍ରେସରକୁ ପୁଲିସ ଜବତ କରିଥିଲା। ଅନ୍ୟପକ୍ଷରେ ଜାନୁୟାରୀ ମାସରେ ବିଭିନ୍ନ ଖଣିରେ ପୁଲିସ ଚଢଉ ଜାରୀ ରଖିଥିବାବେଳେ ଏଭଳି ଚଢଉ ଦେଖି ପଥର ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ନିକଟରେ ଖଣି ଚଢ଼ଉବେଳେ ମାଇନିଂ ଅଫିସରଙ୍କୁ ଆକ୍ରମଣ ଘଟଣାରେ ପୁଲିସ ୨ଜଣ ଖଣିମାଫିଆଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରିବ ବୋଲି ପୁଲିସ ସୂଚନା ଦେଇଛି।ପ୍ରକାଶଥାଉକି, ପାୱାର ଟିଲର, ମେସିନ ସାହାଯ୍ୟରେ ଏକର ଏକର ଜମିରୁ ମାଙ୍କଡା କାଟି ନେଉଛନ୍ତିପଥର ମାଫିଆ। ଶ୍ରୀମନ୍ଦିର ପ୍ରଶାସନର ଜମି, ସରକାରୀ ଏବଂ ଗୋଚର ଜମି ଉପରେ ମାଫିଆଙ୍କ ନଜର ରହିଛି। ଏପରିକି କାଜୁ ଜଙ୍ଗଲରୁ ବ୍ୟାପକ ଭାବେ ମୋରମ, ମାଙ୍କଡା ଚାଲଣ କରୁଛନ୍ତି। ଏପରିକି ଟାପଙ୍ଗ ଅଞ୍ଚଳର ଟାପଙ୍ଗ, ଅଣ୍ଡା ଏବଂ ଝିଙ୍କିଝାରୀ ଅଞ୍ଚଳର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ସ୍ଥାନରୁ ପଥର ହରିଲୁଟ୍ ହେଉଥିଲା। ଏନେଇ ଏସ୍‌ଡିପିଓ (ସଦର) ଦିଲୀପ କୁମାର ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲ୍ଲାରେ ଲଘୁ ଖଣିଜ ଚୋରା ଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ। ବେଆଇନ ଭାବେ ପଥର ଖନନ, ମାଙ୍କଡ଼ା ଚୋରା ଚାଲାଣ ହେଉଥିବା ଦୃଷ୍ଟିଗୋଚର ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚୋରା ଚାଲାଣ ରୋକିବା ଲାଗି ପ୍ରତ୍ୟେକ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ଖଣିଖନନ ହେଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି।

# ଆଜି ଖୋର୍ଦ୍ଧା ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

**ଖୋର୍ଦ୍ଧା/ନିରାକାରପୁର, ୧୪।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତାକାଲି (ଗୁରୁବାର) ଖୋର୍ଦ୍ଧା ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ମୌଜାରେ ଇଡ୍‌କୋ ପକ୍ଷରୁ ବିଭିନ୍ନ କମ୍ପାନୀକୁ ଜମି ଆବଣ୍ଟନ କରାଯାଇଥିବାବେଳେ ବରୁଣ ବେଭେରଜ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଅନ୍ତର୍ଜାତୀୟ ମୃଦୁ ପାନୀୟ ପେପ୍‌ସି କମ୍ପାନୀର ନିର୍ମାଣ କରାଯାଇଛି। ପ୍ରଥମେ ଏହି ଶିଳ୍ପକୁ

## ଉଦ୍‌ଘାଟନ କରିବେ କ୍ୟାନ୍‌ସର ହସ୍ପିଟାଲ

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ଅପରାହ୍ନ ୪ଟା ୧୫ ମିନିଟରେ ମୁଖ୍ୟମନ୍ତ୍ରୀ ଏଠାରେ ପହଞ୍ଚି ଏହାକୁ ଉଦ୍‌ଘାଟନ କରିବେ। ଏହାପରେ ବର୍ଜର ପେଣ୍ଟସ, ଫୁଡ୍ ପ୍ରୋସେସିଂ ପାର୍କ ଭଳି ଅନ୍ୟାନ୍ୟ ୧୦ଟି ଫୁଡ୍ ପ୍ରୋସେସିଂ ୟୁନିଟ୍‌ର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ପରେ ଇମ୍ପୋସିସି-୨ ଅଞ୍ଚଳରେ ଥିବା କ୍ୟାନସର ହସ୍ପିଟାଲର ଉଦ୍‌ଘାଟନ କରିବେ। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଆଜି ଜଙ୍କିଆ ମୁଣ୍ଡାଆମ୍ବ ଅଞ୍ଚଳରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣଗ୍ରାହୀ, ଏସ୍‌ଡିପିଓ (ସଦର) ଦିଲୀପ କୁମାର ଦାସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମୁଣ୍ଡାଆମ୍ବ ଶିଳ୍ପାଞ୍ଚଳରେ ହେଲିପ୍ୟାଡ୍ ନିର୍ମାଣ ହୋଇଥିବବେଳ ଜାତୀୟ ରାଜପଥ କିମ୍ବା ଆକାଶ ପଥରେ ମୁଖ୍ୟମନ୍ତ୍ରୀ ଆସିବେ ସେ ବିଷୟରେ ସୂଚନା ମିଳିପାରି ନାହିଁ। ମୁଣ୍ଡାଆମ୍ବ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ହେବା ଦ୍ୱାରା ବହୁ ବେକାର ଯୁବକ ଯୁବତୀ ରୋଜଗାର ପାଇପାରିବେ ବୋଲି ଜଣାପଡ଼ିଛି।

# ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ



**ବେଗୁନିଆ, ୧୪।୨(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ. ରାଜକିଶୋର ପଣ୍ଡା, ଆୟୁଷ ଡାକ୍ତର ମଧୁସୂଦନ ସୁବୁଦ୍ଧି, ଫାର୍ମାସିଷ୍ଟ ଗୌତମ ସାମନ୍ତରାୟ, ଷ୍ଟାଫନର୍ସ ସୌଭାଗ୍ୟ ଲକ୍ଷ୍ମୀ ଛୁଆଳସିଂହ ଓ ଲାବ ଟେକ୍‌ନିସିଆନ ହରପ୍ରସାଦ ଦାସଙ୍କ ସମେତ କର୍ମଚାରୀମାନେ ଯୋଗଦେଇ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଏବଂ ହନୁମାନ ମନ୍ଦିର ପରିସରକୁ ସଫେଇ କରି ସଚେତନତା ସହ ଟି-ସାର୍ଟ ବଣ୍ଟନ କରିଥିଲେ।

# ଭୂଷଣ୍ଡପୁର ଦାରୁବ୍ରହ୍ମଙ୍କ ରଥକାଠ ଅନୁକୂଳ



ଭୂଷଣ୍ଡପୁର, ୧୪।୨(ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତରେ ଅନୁଷ୍ଠିତ ଦାରୁବ୍ରହ୍ମ ରଥ ଯାତ୍ରା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ରଥକାଠ ଅନୁକୂଳ ଜଗନ୍ନାଥ ମନ୍ଦିର ପୁରୀର ବିଧି ପରମ୍ପରା ମତେ ସମ୍ପନ୍ନ ହୋଇଛି। ଆଜି ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିର ରେବତୀ ନକ୍ଷତ୍ର କୁମ୍ଭ ରାଶିରେ ମହାପ୍ରଭୁଙ୍କ ରଥ କାଠ ପ୍ରତିଷ୍ଠା ହୋଇ ଅନୁକୂଳ ହୋଇଛି। ମଠ ପାଟଣା ମନ୍ଦିରରୁ ବେଦଜ୍ଞ ବ୍ରାହ୍ମଣ ମୃତ୍ୟୁଞ୍ଜୟ ସାମନ୍ତରାୟ ଓ ପ୍ରସନ ଦାଶଙ୍କ ମନ୍ତ୍ର ଧ୍ୱନିରେ ଆଜ୍ଞା ମାଳ ଆସି ଦୋଳପଡ଼ିଆଠାରେ ରଥ ନିର୍ମାଣ ପିଣ୍ଡିଠାରେ ହୋମ କରାଯାଇ ଅନୁକୂଳ କରାଯାଇଥିଲା। ଆଜିର ଉତ୍ସବରେ ଦାରୁବ୍ରହ୍ମ କମିଟିର ବିଜୟ ବାବା, ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାଶ ମହାପାତ୍ର, ପ୍ରଦୀପ ପାତ୍ର, ସନ୍ତାପ ପାତ୍ର, ସମାଜ ସେବୀ ଗୋଲଖ ବିହାରୀ ପଟ୍ଟନାୟକ, ବାସୁଦେବ ମହାରଣା, ଅନିଲ କୁମାର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ତ୍ରିନାଥ ବେହେରା, ଶ୍ୟାମ ବେହେରା, ଅଜୟ ମହାରଣା, ବିଜେଡି ଖୋର୍ଦ୍ଧା ଜିଲ୍ଲା ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସେବା ଶିବିର ଉଦ୍‌ଯାପିତ

**ଖୋର୍ଦ୍ଧା, ୧୪।୨(ସମିସ):** ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ଶୀତକାଳୀନ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ଆସମା ଟ୍ରଷ୍ଟ ମୁଖ୍ୟ ଦେବାଶିଷ ମହାନ୍ତି, ଡ. ମନ୍ଦାକିନୀ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳା ଜ୍ଞାନ, ତଥା ନିଃସ୍ୱାର୍ଥପର ସେବା ମନୋବୃତ୍ତିକୁ ପ୍ରଶଂସା କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ରାଷ୍ଟ୍ରୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସରିତା ପଟେଲ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମର ସଂଯୋଜକ ସୁଶାନ୍ତ କୁମାର ପଟ୍ଟନାୟକ ଏହି ଶିବିର ପରିଦର୍ଶନ କରି ସ୍ୱେଚ୍ଛାସେବୀ ମାନଙ୍କର ସମାଜ ପ୍ରତି ଥିବା କର୍ତ୍ତବ୍ୟବୋଧ ସମ୍ପର୍କରେ ସଚେତନ କରାଇଥିଲେ। ଉଦ୍‌ଯାପନୀ ଅବସରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୂଜା ଅରିଶଳ ବିବେଚିତ ହୋଇଥିବାବେଳେ ଶ୍ରେଷ୍ଠ କର୍ମୀ ଭାବେ ସୁଚିସ୍ମିତା ପାତ୍ର, ସଙ୍ଗୀତା ଦାସ, ବିଜୟଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ସେଠୀ, ବିଶ୍ୱ କଲ୍ୟାଣୀ ପାତ୍ର, ସୋନାଲି ସେଠୀ, ନୃତ୍ୟ ପ୍ରତିଯୋଗିତାରେ କାମିନୀ ଦଳେଇ, ପୂଜା ଅରିଶଳ, ପୂଜା ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ପୋଗ୍ରାମ ଅଫିସର ଡ. ପ୍ରବୀଣ କୁମାର ମିଶ୍ର ଏହି ଶୀତକାଳୀନ ସେବା ଶିବିରକୁ ପରିଚାଳନା କରିଥିବାବେଳେ ବିଭୂତି ଭୂଷଣ ଦାସ, ବାସୁଦେବ ମିଶ୍ର, ବେଣୁଧର ସାହୁ ଏଥିରେ ସହଯୋଗ କରିଥିଲେ। ଏହି ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।



# ଶ୍ରୀଶାଳେଶ୍ୱର ଭଲିବଲ୍: ପୁରୀ କ୍ଲବ ଚାମ୍ପିଅନ




**ଖୋର୍ଦ୍ଧା, ୧୪।୨(ସମିସ):** ଖୋର୍ଦ୍ଧା ଉପକଣ୍ଠ ଅଣ୍ଡା ଗ୍ରାମର ଶ୍ରୀ ଶାଳେଶ୍ୱର ଭଲିବଲ ଆସୋସିଏନସନ୍ ପକ୍ଷରୁ ୨୦ତମ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଟାମାଟି, ପୁରୀ କ୍ଲବ, ଖୋର୍ଦ୍ଧା ଗୋଡାରାଇମୁଳ କ୍ଲବ, ପାତ୍ରପଡ଼ା ଭୁବନେଶ୍ୱର ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ପରେ ଫାଇନାଲ ମ୍ୟାଚ୍ ପୁରୀ କ୍ଲବ ଓ ଖୋର୍ଦ୍ଧା ଗୋଡାରାଇମୁଳ କ୍ଲବ ମଧ୍ୟରେ ହୋଇଥିଲା। ପୁରୀ କ୍ଲବ ଚଳିତବର୍ଷର ଚାମ୍ପିଅନ ହୋଇଛି। ଅତିଥିରୂପେ ନିଜିଗଡ଼ ଟାପଙ୍ଗ ସରପଞ୍ଚ ରଶ୍ମିତା ବ୍ରହ୍ମା, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଅଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଣେଶ ପୃଷ୍ଟି, ବାଜପୁର ସମିତିସଭ୍ୟ ଦ୍ୱାରିକାପ୍ରସାଦ ମହାନ୍ତି, ବିଶିଷ୍ଟ ସମାଜସେବୀ ଗଦାଧର ପାତ୍ର, ରଘୁନାଥ ମହାପାତ୍ର, ପବିତ୍ର କୁମାର ବରାଳ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ପୁରୀ କ୍ଲବ ଦଳକୁ ୧୫ ହଜାର ଟଙ୍କା ଅର୍ଥରାଶି ଓ ରନର୍ସ ଅପ୍ ଖୋର୍ଦ୍ଧା ଗୋଡାରାଇମୁଳଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମାନସ କୁମାର ବରାଳ, ଆକାଶ କୁମାର ପଟ୍ଟନାୟକ, ସୌମ୍ୟରଞ୍ଜନ ପରିଡ଼ା ଆୟୋଜନ କରିଥିବାବେଳେ ଆଶିଷ, ପ୍ରବଞ୍ଜନ, ସନ୍ଦୀପ, ଜିତେନ୍ଦ୍ର, କାହ୍ନା, ଅନିଆ, ଦିନେଶ, ଦେବୀ, ସିଡୁ, ତପୁ, ଲିପୁନା, କାବୁନା, ଜଗୁନା, ବାଟୁଆ, ବୈଷ୍ଣବ ଓ ଅନ୍ୟ ଉତ୍ସାହୀ ଯୁବକମାନେ ସହଯୋଗ କରିଥିଲେ।

# ଦେଉଳଟାଙ୍ଗି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସୁଆଙ୍ଗ ଚାମ୍ପିଅନ



**ଖୋର୍ଦ୍ଧା, ୧୪।୨(ସମିସ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆଜି ପଳାସପୁର ଓ ସୁଆଙ୍ଗ(ଭୁବନେଶ୍ୱର) ମଧ୍ୟରେ ହୋଇଥିଲା। ପ୍ରଥମେ ପଳାସପୁର ଦଳ ବ୍ୟାଟିଂ କରି ୧୬.୧ ଓଭର ଖେଳି ସମସ୍ତ ୱିକେଟ୍ ବିନିମୟରେ ୧୦୫ ରନ୍ କରିଥିଲା। ଦଳ ତରଫରୁ ରାଜେଶ ମହାରଣା ୨୮ ବଲରୁ ୩୬ରନ୍ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୭ ଓଭର ଖେଳି ୨ୱିକେଟ ହରାଇ ୧୦୬ରନ୍ କରିଥିଲା। ଫଳରେ ସୁଆଙ୍ଗ ଦଳ ବିଜୟୀ ହୋଇ ଚାମ୍ପିଅନ ହେଇଥିଲା। ସୁଆଙ୍ଗ ଦଳର ସୂର୍ଯ୍ୟକାନ୍ତ ବଡ଼ଜେନା ୨୩ ବଲରୁ ୭୬ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ପ୍ରକାଶ ସିଂ ଓ ଝଜ ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ଜିତେନ୍ଦ୍ର ପ୍ରଧାନ, ନିତୁ ବଳିୟାରସିଂହ, ଭାଷ୍ୟକାର ଆଦିତ୍ୟ କୁମାର ବଳିୟାରସିଂହ ରହିଥିଲେ। ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ଅରିସଲ, ଅଶୋକ କୁମାର ବାରିକ, ଅବକାଶ ବଡ଼ଜେନା, ରବୀନ୍ଦ୍ର ମାର୍ଥା, ବିପିନ ମହାପାତ୍ର, ମନୋଜ କୁମାର ସ୍ୱାଇଁ, ସତ୍ୟରଞ୍ଜନ ଜେନା, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## କୋଲୁହାପାଟଣା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଭୁବନେଶ୍ୱରର ମହାବୀର କ୍ଲବ୍

**ବେଗୁନିଆ, ୧୪।୨(ସମିସ):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର ମହାବୀର କ୍ଲବ ଓ ବାଙ୍କୀ ମା'ମଙ୍ଗଳା କ୍ଲବ ମଧ୍ୟରେ ଖେଳ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ମହାବୀର କ୍ଲବ ୧-୦ ଗୋଲ ଦେଇ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଥିଲା। ରେଫରୀ ଚିତ୍ତରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରକାଶ ନାୟକ ଓ ରାଘବ ନାୟକ ଲାଇନମ୍ୟାନ ଭାବେ ସହଯୋଗ କରିଥିଲେ।

# ଦେଶୀମଦ ଓ ବାଇକ୍ ଜବତ; ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା, ୧୪।୨(ସମିସ):** ଶିଳ୍ପାଞ୍ଚଳ ଥାନା ପୁଲିସ ବିଂକୁଡିଆ ରାସ୍ତାରୁ ଜଣେ ଦେଶୀମଦ ବେପାରୀକୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ନୂଆଗାଁର ଅଭୟ ଚରଣ ସାହୁ ଓରଫ ଅଭି (୫୩)। ଅଭିଠାରୁ ପୁଲିସ ୩୫ ଲିଟର ବେଆଇନ ମଦ ସମେତ ଏକ ସ୍କୁଟି ଜବତ କରିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଅଭିକୁ କୋର୍ଟଚାଲାଣ କରିଛି।



ସୂଚନା ଅନୁସାରେ, ଦିନ ପ୍ରାୟ ୧୦ଟାବେଳେ ଅଭି ହଳଦିଆ ଦିଗରୁ ଗାଁ ଅଭିମୁଖେ ଏକ ବାଇକ୍‌ରେ ବେଆଇନ ମଦ ବୋଝେଇ କରି ଆସୁଥିଲା। ବିଂକୁଡିଆଠାରେ ପୁଲିସ ତାକୁ ଅଟକାଇ ଯାଞ୍ଚ କରିଥିଲା। ତା' ପାଖରୁ ବେଆଇନ ମଦ ପୁଲିସ ଜବତ କରିଥିଲା। ଅଭି ଏହି ମଦକୁ ଆଠଗଡ଼ରୁ ଆଣି ଗୁରୁଜଙ୍ଗ, କୁମାରବସ୍ତ, ଅରାଙ୍ଗ, ନୂଆଗାଁ, ଟାଙ୍ଗିଆପଡ଼ା, ପାଇକତିଗିରିଆ, ମହୁଲ ପ୍ରଭୃତି ଅଞ୍ଚଳରେ ବେପାର କରୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କ ଆରାଧନା







ଖୋର୍ଦ୍ଧା, ୧୪।୨(ସମିସ)

ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅବସରରେ ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଯାଇଛି। ସକାଳୁ ସକାଳୁ ନୂତନ ପୋଷାକ ଓ ଭୋଗ, ଧୂପ, ଦୀପଧରି ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏକତ୍ରିତ ହୋଇଥିଲେ। ଭଗବତୀ ଭାରତୀ ଦେବୀ ନମସ୍ତେ ଉଚ୍ଚାରଣରେ ପୂଜା ମଣ୍ଡପ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ କମ୍ପିଥିଲା। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଛାତ୍ରଛାତ୍ରୀମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ଥିବା ପୂଜା କମିଟି ଓ କ୍ଲବ ତରଫରୁ ମା'ଙ୍କ ଆବାହନ କରାଯାଇଥିବା ବେଳେ ଆଲୋକମାଳା ଓ ତୋରଣରେ ପୂଜାମଣ୍ଡପ ଗୁଡ଼ିକ ଝଲସୁଥିବା ଦେଖାଯାଇଛି। ସେହିପରି ଜିଲ୍ଲା ସାମ୍ବାଦିକଙ୍କ ପକ୍ଷରୁ ଜିଲ୍ଲା ପ୍ରେସକ୍ଲବରେ, ପ୍ରାକିଟିସିଂ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସିଗମା ପବ୍ଲିକ୍ ସ୍କୁଲ, ବୀଣାପାଣି ଶିଶୁମନ୍ଦିର, ମହିଳା ଉଚ୍ଚବିଦ୍ୟାଳୟ, ବିଜେବି ହାଇସ୍କୁଲ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମା'ଙ୍କ ଆରାଧନା କରାଯାଇଥିଲା। ଆଜି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ତାଙ୍କର ଶୁଭ ଅନୁକୂଳ କରିଥିଲେ। ସେହିପରି ଭିନ୍ନ ଭିନ୍ନ ପୂଜା କମିଟି ତରଫରୁ ସରସ୍ୱତୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି।

**କୁହୁଡ଼ି:** କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁରର, ଚଣ୍ଡେଶ୍ୱର, କୁଞ୍ଜୁରି, ଓରଡ, ବରଡି, ଛକଡିପୂର ଓ ବିରିବାଡିରେ ବହୁ ଆନନ୍ଦ ଉଲ୍ଲାସ ସହିତ ସରସ୍ୱତୀ ପୂଜା ପାଳିତ ହୋଇଛି। ଡିଏଭି ଗୁରୁକୁଳ, ଜନତା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ବିଦ୍ୟା ମନ୍ଦିର, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଭଗବତୀ ସ୍କୁଲରେ ଛାତ୍ରଛାତ୍ରୀମାନେ ପୂଜା କରିବା ସହିତ ପୁଷ୍ପାଞ୍ଜଳି ଦେଇ ମା' ବାଗ୍‌ଦେବୀଙ୍କ ଆଶୀର୍ବାଦ ଲାଭ କରିଥିଲେ।

**ଟାଙ୍ଗୀ:** ଆଜି ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ମା'ଙ୍କର ମୃଣ୍ମୟ ମୂର୍ତ୍ତିକୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ, ଟାଙ୍ଗୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସତ୍ୟସାଇ ବିଦ୍ୟାମନ୍ଦିର ଚାନ୍ଦପୁର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚାନ୍ଦପୁର, ହିଲଟପ ଗ୍ଲୋବାଲ ସ୍କୁଲ ଟାଙ୍ଗୀ, ବୀଣାପାଣି ଶିଶୁମନ୍ଦିର ଚାନ୍ଦପୁର, ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଟାଙ୍ଗୀ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର କନ୍ଧନୟାଗଡ଼, ଚାନ୍ଦପୁର, କାଲୁପଡ଼ାଘାଟ, ଚଣ୍ଡେଶ୍ୱର, ଭୂଷଣ୍ଡପୁର, ବାଲିପାଟପୁର ସମେତ ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି।

**ବାଲୁଗାଁ:** କାଳିଜାଇ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଛି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଧବାର ସକାଳେ ବାଗ୍‌ଦେବୀଙ୍କୁ ଆବାହନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପାରମ୍ପରିକ ପୂଜାକୁ ସଂଘ ତରଫରୁ ଗଠିତ ପୂଜା କମିଟି ପରିଚାଳନା କରୁଛନ୍ତି। ଏହି ପୂଜା ନିମନ୍ତେ ଚଳିତ ବର୍ଷ କେବଳ ବାଦୀପାଲା ଅନୁଷ୍ଠିତ ହେଉଛି। ଏଥିସହ ସମଗ୍ର ଅଞ୍ଚଳର ଶିକ୍ଷାନୁଷ୍ଠାନ ଓ କ୍ଲବ



ମାନଙ୍କରେ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀମାନେ ନୂତନ ପୋଷାକ ପିନ୍ଧି ବିଦ୍ୟାଳୟର ପୂଜାରେ ଯୋଗଦାନ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୨ ● ପାଉଣ୍ଡ ୧୦୪.୦୭
- ୟୁରୋ ୮୮.୨୩ ● ୟେନ୍ ୦.୫୫

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୦୦୦ (ନୂଆଦିଲ୍ଲୀ)
- ରୁପା : ୭୪,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୮୨୨.୦୦
- ନିଫ୍ଟି ୨୧,୮୪୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ଦରବୃଦ୍ଧି ନେଇ ଆଶ୍ୱସ୍ତି, ଜାନୁଆରୀରେ ପାଇକାରୀ ମୁଦ୍ରାସ୍ଫୀତି କମିଲା

**ନୂଆଦିଲ୍ଲୀ,୧୪ା୨(ଏଜେନ୍ସି):** ଦେଶରେ ମୁଦ୍ରାସ୍ଫୀତି ହାରରେ ଲଗାତାର ଭାବେ ହ୍ରାସ ଧାରା ଜାରି ରହିଛି। ଏହି ଅନୁକ୍ରମରେ ଜାନୁଆରୀରେ ପାଇକାରୀ ମୁଦ୍ରାସ୍ଫୀତିରେ ୦.୨୭ ପ୍ରତିଶତ ହ୍ରାସ ହୋଇଛି। ଖାଦ୍ୟ ସାମଗ୍ରୀ ଦର ହ୍ରାସ ପରେ ଗତ ମାସରେ ପାଇକାରୀ ମୁଦ୍ରାସ୍ଫୀତି ହ୍ରାସ ହୋଇଛି। ଏହା ପୂର୍ବରୁ ୨୦୨୩ ଡିସେମ୍ବରରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ୦.୭୩ ପ୍ରତିଶତ ରହିଥିଲା। କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ଏକ ବୟାନରେ କୁହାଯାଇଛି ଯେ, ପାଇକାରୀ ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ଜାନୁଆରୀରେ ୦.୨୭ ପ୍ରତିଶତ ରହିଥିଲା। ଯେତେବେଳେ କି ପାଇକାରୀ ମୁଦ୍ରାସ୍ଫୀତି ଜାନୁଆରୀ ୨୦୨୩ରେ ୪.୮ ପ୍ରତିଶତ ରହିଥିଲା। ସେହିଭଳି ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ହାର ୬.୮୫ ପ୍ରତିଶତ ରହିଛି। ଯାହାକି ୨୦୨୩ ଜାନୁଆରୀରେ ୯.୩୮ ପ୍ରତିଶତ ରହିଥିଲା। ସେହିଭଳି ଜାନୁଆରୀରେ ପନିପରିବା ମୁଦ୍ରାସ୍ଫୀତି ହାର ୧୯.୭୧ ପ୍ରତିଶତ, ଡାଲି ପାଇକାରୀ ମୁଦ୍ରାସ୍ଫୀତି ୧୬.୦୬ ପ୍ରତିଶତ ରହିଛି।




**ପେଟିଏମ୍‌କୁ ବଡ଼ ଝଟ୍‌କା**

## ପେମେଣ୍ଟସ ବ୍ୟାଙ୍କ ବିରୋଧରେ ଇଡିର ତଦନ୍ତ ଆରମ୍ଭ

**ନୂଆଦିଲ୍ଲୀ,୧୪ା୨(ଏଜେନ୍ସି)**

ପେଟିଏମ୍‌ରେ ଚାଲିଥିବା ସଙ୍କଟ ଶେଷ ହେବାର ନାମ ଧରୁନାହିଁ। ଏବେ ପେଟିଏମ ପେମେଣ୍ଟସ ବ୍ୟାଙ୍କ ବିରୋଧରେ ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଅଧୀନରେ ଏକ ମାମଲା ରୁଜୁ ହୋଇଛି। ଏହା ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଇଡିକୁ ପେଟିଏମ୍‌ର ବ୍ୟାଙ୍କିଙ୍ଗ୍ ୟୁନିଟ୍ ପେଟିଏମ ପେମେଣ୍ଟସ ବ୍ୟାଙ୍କରେ ହୋଇଥିବା ସନ୍ଦିଗ୍ଧ ନିୟମ ଉଲ୍ଲଂଘନର ଯାଞ୍ଚ କରିବାକୁ କହିଛନ୍ତି। ସୋମବାର ଇଡି କମ୍ପାନୀ ପରିଚାଳନାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମନିଲଣ୍ଡରିଂ ମାମଲା ଏବଂ ପେଟିଏମ୍‌ରେ ଚାଇନାର ଅର୍ଥ ଲାଗିଥିବା ଅଭିଯୋଗର ତଦନ୍ତ କରିବ ଇଡି। ସେପଟେ ଏସବୁ କାର୍ଯ୍ୟାନୁଷ୍ଠାନ ଯୋଗୁ ଲଗାତାର ଭାବେ ପୁଞ୍ଜି ବଜାରରେ କମ୍ପାନୀର ଶେୟାର ହ୍ରାସ ପାଇବାରେ ଲାଗିଛି। ସୂଚନାଥାଉକି, ଜାନୁଆରୀରେ ପେଟିଏମ ପେମେଣ୍ଟସ ବ୍ୟାଙ୍କ୍ ଉପରେ ଆରବିଆଇର କାର୍ଯ୍ୟାନୁଷ୍ଠାନ ପରେ ପେଟିଏମକୁ ବଡ଼ ଝଟକା ଲାଗିଛି। ଆରବିଆଇ ନିୟମ ଅନୁଯାୟୀ ଫେବ୍ରୁଆରୀ ୨୯ ପରଠାରୁ ପେମେଣ୍ଟସ ବ୍ୟାଙ୍କର ଅଧିକାଂଶ ସେବା ବନ୍ଦ କରିବାକୁ ଆଦେଶ ଦିଆଯାଇଛି।




ଏହି ଅନୁଯାୟୀ, ପେଟିଏମ ପେମେଣ୍ଟସ ବ୍ୟାଙ୍କ ଲିମିଟେଡ (ପିପିବିଏଲ), ଗ୍ରାହକଙ୍କ ଆକାଉଣ୍ଟ, ପ୍ରିପେଡ ଉତ୍ପାଦ, ଓ୍ୱାଲେଟ୍ ଏବଂ ଫାସ୍‌ଟ୍ୟାଗ୍ ଜାରି କରିପାରିବନାହିଁ କିମ୍ବା ଜମା କରିପାରିବନାହିଁ।

### ୨୯ ଫେବୃଆରୀ ପରେ ବି କାମ କରିବ କ୍ୟୁଆର୍ କୋଡ୍

### ମର୍ଚ୍ଚାଣ୍ଟସ୍‌ଙ୍କୁ ବିକଳ୍ପ ସନ୍ଧାନର ଆବଶ୍ୟକତା ନାହିଁ: ପେଟିଏମ୍

**ନୂଆଦିଲ୍ଲୀ,୧୪ା୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ପେଟିଏମ ପେମେଣ୍ଟସ୍ ବ୍ୟାଙ୍କର ସମସ୍ୟା ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ଆରବିଆଇ ପେମେଣ୍ଟସ୍ ବ୍ୟାଙ୍କ ଉପରେ ଫେବୃଆରୀ ୨୯ରୁ ଜମା ଗ୍ରହଣ ନେଇ ରୋକ ଲଗାଇଛନ୍ତି। ଏଣୁ ପେଟିଏମର ବ୍ୟବହାରକାରୀ ମର୍ଚ୍ଚାଣ୍ଟ ଏବେ ସମସ୍ୟାରେ ପଡିଛନ୍ତି। ଲୋକେ ଧିରେ ଧିରେ ଅନ୍ୟ ବିକଳ୍ପର ସନ୍ଧାନ କରୁଛନ୍ତି। ଏଥିରେ ବ୍ୟବସାୟୀଙ୍କୁ ଚିନ୍ତିତ ହେବାର କୌଣସି କାରଣ ନାହିଁ ବୋଲି ପେଟିଏମ୍ ବୁଧବାର କହିଛି। ପେଟିଏମ କ୍ୟୁଆର କୋଡ ୨୯ ଫେବୃଆରୀ ପରେ ମଧ୍ୟ କାମ କରିବ। ଏଣୁ ପେଟିଏମ ମର୍ଚ୍ଚାଣ୍ଟସ୍‌ଙ୍କୁ ଅନ୍ୟ ବିକଳ୍ପ ସନ୍ଧାନ କରିବାର କୌଣସି ଆବଶ୍ୟକତାନାହିଁ। କମ୍ପାନୀ କହିଛି ଯେ ପେଟିଏମର କ୍ୟୁଆର କୋଡ ସହିତ ସାଉଣ୍ଡ ବକ୍ସ ଓ କାର୍ଡ ମେସିନଗୁଡିକ ମଧ୍ୟ ସଚଳ ରହିବ। ଏଗୁଡିକ ନିର୍ବାଧରେ କାମ କରିବ ବୋଲି ପେଟିଏମ କହିଛି।

### ୧୦ ଦିନରେ ବଜାର ପୁଞ୍ଜି ୨୬୦୦୦ କୋଟି କମିଲା

**ନୂଆଦିଲ୍ଲୀ,୧୪ା୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) କାର୍ଯ୍ୟାନୁଷ୍ଠାନ ପରଠାରୁ ଗତ ୧୦ ଦିନ ମଧ୍ୟରେ ପେଟିଏମ୍‌କୁ ବଡ଼ଧରଣର ଆର୍ଥିକ କ୍ଷତି ସହିବାକୁ ପଡିଛି। ଏମିତିକି ବିଗତ ୧୦ ମଧ୍ୟରେ କମ୍ପାନୀର ଷ୍ଟକ ମୂଲ୍ୟରେ ଦ୍ରୁତ ହ୍ରାସ ଦେଖିବାକୁ ମିଳିଛି। ବୁଧବାର କାରବାରରେ ମଧ୍ୟ ପେଟିଏମ୍‌ର ଷ୍ଟକ୍ ମୂଲ୍ୟରେ ୯ ପ୍ରତିଶତ ହ୍ରାସ ଘଟି ୩୪୪ ଟଙ୍କା ସ୍ତରରେ ପହଞ୍ଚିଛି। ଏହାକୁ ମିଶାଇ ଗତ ୧୦ ଦିନ ହେବ ପେଟିଏମ୍‌ର ଷ୍ଟକ ମୂଲ୍ୟରେ ୫୫ ପ୍ରତିଶତରୁ ଅଧିକ ହ୍ରାସ ଦେଖିବାକୁ ମିଳିଛି, ଯାହା ଫଳରେ ଏହି ସମୟରେ ପେଟିଏମ୍ ଷ୍ଟକ୍‌ର ବଜାର ପୁଞ୍ଜି ପ୍ରାୟ ୨୬୦୦୦ କୋଟି ଟଙ୍କା ହ୍ରାସ ପାଇଛି। ଏହାର ପ୍ରଭାବରେ ପେଟିଏମ୍ ସେୟାର, ଖୁଚୁରା ନିବେଶକଙ୍କ ଠାରୁ ଆରମ୍ଭ କରି ବଜାରରେ ବଡ଼ ନିବେଶକ, ବିଦେଶୀ ସଂସ୍ଥାଗତ ଏବଂ ମ୍ୟୁଚୁଆଲ୍ ଫଣ୍ଡ ହାଉସ୍ ସମସ୍ତେ ବଡ଼ ଧରଣର କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହିଭଳି କ୍ରମାଗତ ହ୍ରାସ ପରେ ବ୍ରୋକରେଜ୍ ସଂସ୍ଥା ପେଟିଏମ୍‌ର ସେୟାର ଉପରେ ସେମାନଙ୍କର ରେଟିଂରେ ମଧ୍ୟ ପରିବର୍ତ୍ତନ କରିଛନ୍ତି। ଏପରପକ୍ଷେ ଆକ୍ସିସ୍ ବ୍ୟାଙ୍କ ଗତ ସୋମବାର ପେଟିଏମ ସହିତ କାମ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି। ବ୍ୟାଙ୍କ ଏମଡି ତଥା ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ଯେ ଯଦି ଆରବିଆଇ ମଞ୍ଜୁରୀ ଦିଏ ତେବେ ଏକ୍ସିସ ବ୍ୟାଙ୍କ ପେଟିଏମ ସହିତ କାମ କରିବାକୁ ପ୍ରସ୍ତୁତ। ତେବେ ଏକ୍ସିସ ବ୍ୟାଙ୍କ ପୂର୍ବରୁ ଏଚଡିଏଫସି ବ୍ୟାଙ୍କ ମଧ୍ୟ ପେଟିଏମ ସହିତ କାମ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲା।

**ଫାଡା ରିପୋର୍ଟ**

## ତିନି ଚକିଆ ଯାନ ବିକ୍ରିରେ ସର୍ବାଧିକ ୫୫% ଅଭିବୃଦ୍ଧି

**ଭୁବନେଶ୍ୱର,୧୪ା୨(ସମିସ):** ଚଳିତବର୍ଷ ଜାନୁଆରୀ ମାସରେ ଦେଶରେ ଗାଡ଼ି ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଜାନୁଆରୀରେ ଦେଶରେ ମୋଟ ୨୧ ଲକ୍ଷରୁ ଅଧିକ ଯାନ ବିକ୍ରି ହୋଇଛି। ତେବେ ଏହି ସମୟରେ ରାଜ୍ୟରେ ମୋଟ ୬୮ ହଜାରରୁ ଅଧିକ ଯାନ ବିକ୍ରି ହୋଇଛି। କୁହାଯାଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଚଳିତବର୍ଷ ଜାନୁଆରୀରେ ଦେଶ ତୁଳନାରେ ରାଜ୍ୟରେ ତିନି ଚକିଆ ଯାନ ବିକ୍ରିରେ ଅଭିବୃଦ୍ଧି ଅଧିକ ରହିଛି।

ଦେଶରେ ଚଳିତବର୍ଷ ଜାନୁଆରୀରେ ମଧ୍ୟ ତିନିଚକିଆ ଯାନ ବିକ୍ରିରେ ସର୍ବାଧିକ ୩୬.୯୪ ପ୍ରତିଶତ ଅଭିବୃଦ୍ଧି

### ଜାନୁଆରୀରେ ଗାଡ଼ି ବିକ୍ରିରେ ରେକର୍ଡ ବୃଦ୍ଧି

ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ଜାନୁଆରୀରେ ଗାଡ଼ି ବିକ୍ରିରେ ରାଜ୍ୟରେ ରେକର୍ଡ ବୃଦ୍ଧି ଘଟିଛି। ପ୍ରାୟତଃ ସମସ୍ତ କ୍ଷେତ୍ରର ଯାନ ବିକ୍ରିରେ ଏହି ଅଭିବୃଦ୍ଧି ହୋଇଛି। ତିନି ଚକିଆ ଯାନ ବିକ୍ରିରେ ସର୍ବାଧିକ ୫୫% ଅଭିବୃଦ୍ଧି ରେକର୍ଡ ହୋଇଥିବା ଫେଡେରେଶନ୍ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏସନ୍ (ଫାଡା) ପକ୍ଷରୁ ଜାରି ଏକ ତଥ୍ୟରେ ଏହା ହୋଇଛି। ସେହିପରି ରାଜ୍ୟରେ ଏହି ସମୟରେ ସର୍ବାଧିକ ୧୧୩୮ ୟୁନିଟ୍ ଯାନ ବିକ୍ରି ହୋଇ ୫୫.୨୭ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଛି। ତେବେ ୨୦୨୩ର ଜାନୁଆରୀ ମାସରେ ଦେଶରେ ମୋଟ ୧୮,୪୯,୬୯୧ ୟୁନିଟ୍ ଏବଂ ରାଜ୍ୟରେ ୫୯,୭୫୩ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ୨୦୨୩ର ଜାନୁଆରୀ ମାସରେ ଦେଶରେ ୭୧,୩୨୫ ୟୁନିଟ୍



ଯାନ ବିକ୍ରି ହୋଇଥିଲା। ଯଦି ଆମେ ଦୁଇ ଚକିଆ କଥା ବିଚାରକୁ ନେବା ତାହେଲେ ୨୦୨୪ ଜାନୁଆରୀରେ ଦେଶରେ ମୋଟ ୧୪,୫୮,୮୪୯ ୟୁନିଟ୍ ଯାନ ବିକ୍ରି ହୋଇଥିବାବେଳେ ରାଜ୍ୟରେ ମୋଟ ୫୩,୪୯୧ ୟୁନିଟ୍ ଯାନ ବିକ୍ରି ହୋଇଛି।

**ମାଷ୍ଟରକାର୍ଡ, ଭିସାକୁ ଆର୍‌ବିଆଇର ନିର୍ଦ୍ଦେଶ**

## ବାଣିଜ୍ୟିକ କାର୍ଡରେ ହେଉଥିବା ପେମେଣ୍ଟ ବନ୍ଦ କର : ରିପୋର୍ଟ

**ନୂଆଦିଲ୍ଲୀ,୧୪ା୨(ଏଜେନ୍ସି):** କର୍ପୋରେଟ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡିକୁ ଲାଗିଛି ବଡ଼ ଝଟ୍‌କା। କାର୍ଡ ଦ୍ୱାରା ବ୍ୟାବସାୟିକ ପେମେଣ୍ଟ ଉପରେ ରୋକ୍ ଲଗାଇବାକୁ ଭିସା ଏବଂ ମାଷ୍ଟରକାର୍ଡକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନିର୍ଦ୍ଦେଶ ଦେଇଛି। ବିଶେଷକରି କର୍ପୋରେଟ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡିକ କରୁଥିବା ବାଣିଜ୍ୟିକ ପେମେଣ୍ଟ ଉପରେ ରୋକ୍ ଲଗାଇବାକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଆରବିଆଇ ଭିସା ଏବଂ ମାଷ୍ଟରକାର୍ଡକୁ ଭେଣ୍ଡର ପେମେଣ୍ଟ ଉପରେ ନିଷେଧାଦେଶ ଲଗାଇବାକୁ ଆଦେଶ ଦେଇଛି। ତେବେ ଏହାର ସଠିକ୍ କାରଣ ଜଣାପଡ଼ି ନ ଥିବାବେଳେ କୁହାଯାଉଛି ଯେ, କାର୍ଡ ମାଧ୍ୟମରେ ଅଣକେଓ୍ୱାଇସି ପ୍ରାପ୍ତ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକୁ ହେଉଥିବା ପେମେଣ୍ଟ କାରବାର ଆରବିଆଇ ପାଇଁ ଚିନ୍ତାଜନକ ରହିଛି। ଏହି ବ୍ୟାବସାୟିକ ସଂସ୍ଥାମାନଙ୍କର ବ୍ୟାଙ୍କ ଆକାଉଣ୍ଟ କେଓ୍ୱାଇସି ହୋଇଥିଲେ ପ୍ରାୟତଃ ସେମାନେ ବ୍ୟବସାୟିକ ପ୍ରତିଷ୍ଠାନ ଭାବରେ କେଓ୍ୱାଇସି କରିନାହାଁନ୍ତି। ଫଳରେ ଏମାନେ କାର୍ଡ ପେମେଣ୍ଟ ଗ୍ରହଣ ପାଇଁ ଯୋଗ୍ୟ ନୁହଁନ୍ତି। ସାଧାରଣତଃ କମ୍ପାନିମାନଙ୍କ ଦ୍ୱାରା ବାଣିଜ୍ୟିକ ପେମେଣ୍ଟ ଆରଟିଜିଏସ ମାଧ୍ୟମରେ କରାଯାଇଥାଏ। ଏକ୍ଷେତ୍ରରେ କିନ୍ତୁ କାର୍ଡ ଦ୍ୱାରା ପେମେଣ୍ଟ ନଥିଲା। ମାତ୍ର ଏବେ ଫିନ୍‌ଟେକ୍ ଏବଂ କାର୍ଡ ନେଟଓ୍ୱର୍କ ଏଭଳି ପ୍ରକ୍ରିୟା ପ୍ରସ୍ତୁତ କରିଛନ୍ତି ଯାହାଦ୍ୱାରା ବ୍ୟବସାୟିକ ସଂସ୍ଥାମାନେ କାର୍ଡ ଦ୍ୱାରା ପେମେଣ୍ଟ କରିପାରିବେ ତଥା ଗ୍ରହଣ କରିପାରିବେ। ଆଉ ଏମିତିରେ ଆରବିଆର ଏହି ନିଷ୍ପତ୍ତି ଦ୍ୱାରା ଅନେକ ପେମେଣ୍ଟ ପ୍ଲାଟଫର୍ମ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଛି।




## ଭାରତରେ ସ୍ଥିତି ସୁଦୃଢ଼ କରିଛି ପିଏନ୍‌ବି ମେଟା ଲାଇଫ୍

**ଭୁବନେଶ୍ୱର,୧୪ା୨(ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନୀ ପିଏନ୍‌ବି ମେଟା ଲାଇଫ୍ ପକ୍ଷରୁ ଭାରତବ୍ୟାପୀ ୧୦ଟି ନୂଆ ଶାଖା ଶୁଭାରମ୍ଭ କରାଯାଇଛି। ଏହି ରଣନୈତିକ ସମ୍ପ୍ରସାରଣ ଏହାର ବର୍ଦ୍ଧିତ ଗ୍ରାହକ ଆଧାର ପାଇଁ ଗ୍ରାହକ ସେବାକୁ ଉନ୍ନତ କରିବା ଲାଗି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ୧୪୯ଟି ଶାଖାର ଏକ ନେଟ୍ୱର୍କ ସହିତ ପିଏନ୍ବି ମେଟା ଲାଇଫ୍ ଦେଶବ୍ୟାପୀ ଗ୍ରାହକଙ୍କୁ ଗ୍ରାହକ-କୈନ୍ଦ୍ରିକ ଉତ୍ପାଦ ଓ ସମାଧାନ ପ୍ରଦାନ କରିବା ପାଇଁ ସକ୍ଷମ। ଏହାର ଶାଖାଗୁଡିକରେ ସେବାଗୁଡିକର ସମ୍ପୂର୍ଣ୍ଣ ଶୃଙ୍ଖଳା ପାଇଁ ସୁବିଧାଜନକ ଓ ବାଧାହୀନ ପହଞ୍ଚ ସମସ୍ତ ଗ୍ରାହକଙ୍କ ପାଇଁ ଏକ ଉନ୍ନତ ଓ ବ୍ୟକ୍ତିଗତ ଅଭିଜ୍ଞତା ସୁନିଶ୍ଚିତ କରୁଛି। ୧୦ଟି ନୂଆ ଶାଖାକୁ ପିଏନ୍‌ବି ମେଟା ଲାଇଫ୍ ପାଇଁ ଭାରତବ୍ୟାପୀ ପ୍ରମୁଖ ବଜାରଗୁଡିକରେ ଯେପରିକି ନୂଆଦିଲ୍ଲୀ, ଉଜ୍ଜୈନ, ଅଯୋଧ୍ୟା, ବେତୁଲ, ଭଦ୍ରକ, ଅଙ୍ଗୋଲେ, କୋଟା, ପେରିନ୍ଥାଲ୍ମାନ୍ନା, କାନପୁର ଓ ଭୁବନେଶ୍ୱରରେ ଖୋଲାଯାଇଛି। ଶାଖାଗୁଡିକର ଶୁଭାରମ୍ଭ ସମ୍ପର୍କରେ ପିଏନ୍‌ବି ମେଟା ଲାଇଫ୍ ମୁଖ୍ୟ ବିତରଣ ଅଧିକାରୀ ସମୀର ବଂଶଲ କହିଛନ୍ତି, ଭାରତର ପ୍ରମୁଖ ସହରରେ ୧୦ଟି ନୂଆ ଶାଖା ଖୋଲିବା ପିଏନ୍‌ବି ମେଟା ଲାଇଫ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅଟେ ଏବଂ ଏହା ଦେଶବ୍ୟାପୀ ଯେକୌଣସି ସ୍ଥାନରେ ଆମର ଗ୍ରାହକଙ୍କୁ ସେବା ପ୍ରଦାନ କରିବା କ୍ଷେତ୍ରରେ ଏକ ନିରବଚ୍ଛିନ୍ନ ନିବେଶକୁ ଚିହ୍ନିତ କରୁଛି। ଏହି ସମ୍ପ୍ରସାରଣ , ଆମର ସହଯୋଗୀ ଶାଖାଗୁଡିକର ବିସ୍ତୃତ ନେଟ୍‌ଓ୍ୱର୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି ଯାହା ଭାରତରେ ଆମର ମୋଟ ଆକ୍ସେସ ପଏଣ୍ଟକୁ ୧୮୦୦୦ରୁ ଅଧିକକୁ ବୃଦ୍ଧି କରିଛି।

### ରିଲାଏନ୍ସ ଶେୟାର ନିବେଶକଙ୍କୁ କଲା ମାଲେମାଲ୍

**ମୁମ୍ବଇ,୧୪ା୨(ଏଜେନ୍ସି):** ଦେଶର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ) ଏବେ ଭାରତର ସବୁଠାରୁ ମୂଲ୍ୟବାନ ସୂଚୀବଦ୍ଧ କମ୍ପାନୀ। ଆର୍‌ଆଇଏଲ୍ ୨୦ ଲକ୍ଷ କୋଟି ଟଙ୍କା ବଜାର ପୁଞ୍ଜି ଟପିଥିବା ପ୍ରଥମ ସୂଚୀବଦ୍ଧ ଭାରତୀୟ କମ୍ପାନୀ। ଆର୍‌ଆଇଏଲ୍‌ବିଶ୍ୱର ଶୀର୍ଷ ୫୦ ସବୁଠାରୁ ଅଧିକ ମୂଲ୍ୟବାନ କମ୍ପାନୀ ମଧ୍ୟରେ ସାମିଲ ହୋଇଛି। ବୁଧବାର ବିଏସଇରେ କମ୍ପାନୀର ବଜାର ପୁଞ୍ଜି ୨୦,୦୪,୪୦୨.୨୫ କୋଟି ଟଙ୍କାରେ ବନ୍ଦ ହୋଇଛି। କମ୍ପାନୀ ୫ ବର୍ଷରୁ ବି କମ୍ ସମୟ ମଧ୍ୟରେ ନିଜର ବଜାର ପୁଞ୍ଜିରେ ୧୦ ଲକ୍ଷ କୋଟି ଟଙ୍କା ଯୋଡିପାରିଛି । ଏହାସହିତ ଆର୍‌ଆଇଏଲ୍ ଶେୟାର ବି ଏହି ସମୟରେ ବହୁତ ବଢିଛି।

## ବ୍ରିଟିଶ୍ କାଉନସିଲ୍ ପକ୍ଷରୁ ଛାତ୍ରବୃତ୍ତି ୨୦୨୪ର ଉନ୍ମୋଚିତ

**ଭୁବନେଶ୍ୱର, ୧୪ା୨(ସମିସ):** ଫେବୃଆରୀ ୨୦୨୪: ଶିକ୍ଷାଗତ ସୁଯୋଗ ଏବଂ ସାଂସ୍କୃତିକ ସମ୍ପର୍କ ପାଇଁ ବ୍ରିଟେନର ଅନ୍ତରାଷ୍ଟ୍ରୀୟ ସଂଗଠନ ବ୍ରିଟିଶ୍ କାଉନସିଲ୍, ବ୍ରିଟେନର ସରକାରଙ୍କ ଗ୍ରେଟ୍ ବ୍ରିଟେନ୍ ଅଭିଯାନ ସହଭାଗିତାରେ ମହାନ ଛାତ୍ରବୃତ୍ତି ୨୦୨୪ ଘୋଷଣା କରିଛନ୍ତି। ଏହି ମହାନ ଛାତ୍ର ବୃତି ଭାରତର ଛାତ୍ରମାନଙ୍କୁ ବିଭିନ୍ନ ଅଧ୍ୟୟନ କ୍ଷେତ୍ରରେ ଶୀତ ଋତୁ ୨୦୨୪ ରୁ ବ୍ରିଟେନରେ ପୋଷ୍ଟ ଗ୍ରାଜୁଏଟ୍ ଅଧ୍ୟୟନ କରିବାର ସୁଯୋଗ ପ୍ରଦାନ କରୁଛି। ଚଳିତ ବର୍ଷ ବ୍ରିଟେନର ୨୫ ଟି ବିଶ୍ୱବିଦ୍ୟାଳୟ ଅର୍ଥ, ମାର୍କେଟିଂ, ବ୍ୟବସାୟ ,ମନୋବିଜ୍ଞାନ ଡିଜାଇନ୍, ମାନବିକତା, ନୃତ୍ୟ ଏବଂ ଆହୁରି ଅନେକ ବିଷୟ ଉପରେ ଭାରତୀୟ ଛାତ୍ରମାନଙ୍କୁ ୨୬ ଟି ପୋଷ୍ଟ ଗ୍ରାଜୁଏଟ୍ ପିଲାଙ୍କୁ ମହାନ ଛାତ୍ରବୃତ୍ତି ପ୍ରଦାନ କରୁଛି। ପ୍ରତ୍ୟେକ ମହାନ ଛାତ୍ରବୃତି ସର୍ବନିମ୍ନ ୧୦,୦୦୦ ମୂଲ୍ୟର ଅଟେ ଯାହାକି ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବ୍ରିଟେନରେ ଏକ ବର୍ଷର ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ଟ୍ୟୁସନ ଫି ଆକାର ରେ ପ୍ରଦାନ କରାଯିବ। ମହାନ ଛାତ୍ରବୃତି ଯୋଜନା ୨୦୨୪ ଆହୁରି ମଧ୍ୟ ନ୍ୟାୟ ମନ୍ତ୍ରଣାଳୟର ସହଭାଗିତାରେ ଭାରତୀୟ ଛାତ୍ରମାନଙ୍କୁ ନ୍ୟାୟ ଏବଂ ଆଇନ ଅଧ୍ୟୟନ ପାଇଁ ଦୁଇଟି ବୃତି ପ୍ରଦାନ କରିଥାଏ। ଏହି ଛାତ୍ରବୃତ୍ତି ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପ୍ରଦାନ କରୁଥିବା ଦୁଇଟି ଅଂଶଗ୍ରହଣକାରୀ ଉଚ୍ଚଶିକ୍ଷା ସଂସ୍ଥାରେ ପ୍ରଦାନ କରାଯାଇଥାଏ। ମାନବ ଅଧିକାର, ସମ୍ପତି ଆଇନ, ଅପରାଧିକ ନ୍ୟାୟ, ବାଣିଜ୍ୟିକ ଆଇନ ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମ ଅନୁସରଣ କରିବା ପାଇଁ ଆଗ୍ରହୀ ଥିବା ଭାରତୀୟ ଛାତ୍ରମାନେ ଏହି ଛାତ୍ରବତି ପାଇଁ ଆବେଦନ କରିପାରିବେ। ଏହାସହିତ, ୨୦୨୪-୨୫ ଶିକ୍ଷାବର୍ଷ ପାଇଁ, ଯୁକ୍ତରାଷ୍ଟ୍ରର ଚାରୋଟି ବିଶ୍ୱବିଦ୍ୟାଳୟରେ ଚାରୋଟି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଛାତ୍ରବୃତ୍ତି ଉପଲବ୍ଧ।

**ଏକ୍ସପ୍ରେସ୍ ୱେ ଉପରେ ଗୁରୁତ୍ୱ**

## ପାଣି ଅଭାବ: ଧିମଉଛି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ

**ନୂଆଦିଲ୍ଲୀ,୧୪ା୨(ଏଜେନ୍ସି)**

ଦେଶରେ ଜାତୀୟ ରାଜପଥ(ଏନ୍‌ଏଚ୍) ନିର୍ମାଣ କାର୍ଯ୍ୟ ତ୍ୱରିତ ହେଉଥିବା କଥା କେନ୍ଦ୍ର ସରକାର ସର୍ବଦା କହିଚାଲୁଛନ୍ତି। ବାସ୍ତ ଚିତ୍ର ଅଲଗା। ବର୍ତ୍ତମାନ ଦେଶରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଧିମା ପଡିଯାଇଛି। କାଣର ଏ କ୍ଷେତ୍ରରେ ପାଣିର ଉପଲବ୍ଧତା

### ସଡ଼କ ନିର୍ମାଣରେ ପୁଞ୍ଜିନିବେଶ ବଢ଼ିଛି

ବଡ଼ ପ୍ରତିବନ୍ଧକ ସାଜିଛି। ପାଣି ଅଭାବ ଯୋଗୁ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ମନ୍ଥର ପଡିଯାଇଛି। ତେବେ ମିଳିଥିବା ସୂଚନା ମୁତାବକ ଏହାର ମୁଖ୍ୟ କାରଣ ହେଉଛି କେନ୍ଦ୍ର ସରକାର ଏବେ ଏକ୍ସପ୍ରେସ୍ ୱେ ଉପରେ ଗୁରୁତ୍ୱ ଦେଉଛନ୍ତି। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ମନ୍ଥର ପଡିବାର ବଡ଼ ଉଦାହରଣ ହେଉଛି ଗତ ଆର୍ଥିକବର୍ଷରେ ଦେଶରେ ସଡ଼କ ନିର୍ମାଣ କଣ୍ଟ୍ରାକ୍ଟ ପ୍ରଦାନ ହାର କମିଛି। ଯଦିବା ଏହା ୨୦୧୦ରୁ ୨୦୧୪ ମଧ୍ୟରେ ଦିଆଯାଇଥିବା କଣ୍ଟ୍ରାକ୍ଟ ତୁଳନାରେ ଅଧିକ ରହିଛି। ମାନ୍ଦାବସ୍ଥା ସତ୍ତ୍ୱେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ୨୦୨୪ର ପ୍ରଥମ ୧୧ ମାସ ନିମନ୍ତେ ୩୭୨୦.୭୨ କିମି କଭର କରିବା ଭଳି ସଡ଼କ ପରିଯୋଜନା ପ୍ରଦାନ କରିଛି, ଯାହାକୁ ଗତ ବର୍ଷ ଦିଆଯାଇଥିବା ପ୍ରକଳ୍ପ ତୁଳନାରେ ୨୫ ପ୍ରତିଶତ କମ୍।

ଅପରପକ୍ଷେ ଆଗକୁ ଦେରେ ସାଧାରଣ ନିର୍ବାଚନ ଅନୁଠିତେ ହେବାକୁ ଯାଉଛି। ଏଲି ସମୟରେ ନିର୍ବାଚନ ଆଚରଣ ସଂହିତା ଲାଗୁ



ହୋଇଯିବ। ଏଭଳି ସମୟରେ କଣ୍ଟ୍ରାକ୍ଟ ପ୍ରଦାନ ଉପରେ ମଧ୍ୟ ରୋକ୍ ଲାଗିଯିବ। ଯାହାଫଳରେ ୨୦୨୦-୨୩ ମଧ୍ୟରେ ବାର୍ଷିକ ହାରାହାରି ୪,୪୭୭ କିମି ସଡ଼କ ନିର୍ମାଣ କଣ୍ଟ୍ରାକ୍ଟ କାର୍ଯ୍ୟ ପୂରଣ କରିବା ବେଶ କଷ୍ଟକର ହେବ। ଏହାକୁ ନଜରରେ ରଖି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ମନ୍ତ୍ରୀ ନୀତିନ୍ ଗଡ଼କରୀ ଏନ୍ଇେ ‌ଃଆଗକୁ ଦେଖାଯିବାକୁ ଥିବା ଆହ୍ୱାନକୁ ଦେଖି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏଜେନ୍ସିଗୁଡିକୁ କଣ୍ଟ୍ରାକ୍ଟ ଦେବା କାର୍ଯ୍ୟ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ରାଜପଥ ନିର୍ମାଣ ପାଇଁ ୨୦୨୩ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁଞ୍ଜିନିବେଶ ପରିମାଣ ୩୪ ପ୍ରତିଶତ ବୃଦ୍ଧି ଘଟିଥିଲା। ଗତ ଏକ ଦଶକ ମଧ୍ୟରେ ଜାତୀୟ ରାଜପଥ ନିର୍ମାଣ ୨୦୧୪ଠାରୁ ୯୧,୨୮୭ କିମିରୁ ବର୍ତ୍ତମାନ ୧,୪୬,୧୪୫ କିମିରେ ପହଞ୍ଚିଛି। ଏହାବ୍ୟତୀତ ୪ ଲେନ୍ ଏବଂ ହାଇସ୍ପିଡ୍ ଜାତୀୟ ରାଜପଥ ନିମାଣ କାର୍ଯ୍ୟ ୨୦୧୪ର ୧୮,୩୭୧ କିମିରୁ ୪୬,୧୭୯ କିମିରେ ପହଞ୍ଚିଛି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୯ରୁ ୨୦୨୩ ମଧ୍ୟରେ ଦେଶରେ ଜାତୀୟ ରାଜପଥ ନିର୍ମାଣ ପ୍ରତିଦିନ ହାରାହାରି ୩୦ କମି ରହିଥିଲା। ତେବେ ୨୦୧୫-୧୮ରେ ଦୈନିକ ସଡ଼କ ନିର୍ମାଣ ହାରାହାରି ୨୦ କିମି ରହିଥିଲା।

## ଜାଲିଆତି କାର୍ଯ୍ୟ ଉପରେ ମିଶୋର ଆଇନଗତ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୪ା୨(ସମିସ):** ଜାଲିଆତିମୂଳକ ଅଭ୍ୟାସରୁ ଏହାର ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ଲାଗି ମିଶୋ ଭାରତର ଏକମାତ୍ର ଇ-ବାଣିଜ୍ୟ ବଜାର ନିକଟରେ ମିଶୋ ବ୍ରାଣ୍ଡ ନାମକୁ ନେଇ ମିଛରେ ବ୍ୟବହାର କରୁଥିବା କିଛି ଲୋକଙ୍କ ଠକାମୀକୁ ରିପାରିଛି। ଏହି ସବୁ ବ୍ୟକ୍ତିମାନେ ଲୋକମାନଙ୍କୁ ମାଗଣା କାର ସହିତ ମନଲୋଭା ଅଫର ଓ ଜାଲ ଲଟେରୀ ଚିଠି ପ୍ରଦାନ କରି ଶୋଷଣ କରୁଥିଲେ। ଏଥିରେ ବହୁ ନିରୀହ ଲୋକ ଠକାମୀର ଶୀକାର ହେଉଥିବା ଦେଖି ମିଶୋ ଏକ ବସ୍ତୃତ ଅନୁସନ୍ଧାନ ଆରମ୍ଭ କରିଥିଲା। ଏହି ଅନୁସନ୍ଧାନ କରି ଦୁଇଟି ଏଫଆଇଆର ଦାଖଲ କରିଥିଲା। ଗୋଟିଏ କୋଲକାତାର ହୋଇଥିଲାବେଳେ ଅନ୍ୟଟି ରାଞ୍ଚି ରେ ଧରାପଡ଼ିଛି ଓ ଅନ୍ୟାନ୍ୟ ରାଜ୍ୟ ଗୁଡ଼ିକରେ ଏହାର ତଦନ୍ତ ଚାଲିଛି। ଏହା ସହ କୋଲକାତାର ଚବିଶପ୍ରଗଣାରେ ୨୦ ଜାନୁଆରୀ ୨୪ରେ ଚାରି ଜଣ ଠକଙ୍କୁ ଗିରଫ କରାଯାଇ ତଦନ୍ତ ଚାଲୁ ରହିଛି। ଉପଭୋକ୍ତା ନିରାପତା ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରି ମିଶୋ ଗତ ବର୍ଷ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମିଶୋ ବ୍ରାଣ୍ଡ ବ୍ୟବହାର କରି ସନ୍ଦେହଜନକ ୱେବସାଇଟ ଚଳାଉଥିବା ଠକମାନଙ୍କ ବିରୁଦ୍ଧରେ ଏକ ସ୍ଥାୟୀ ଆଦେଶନାମା ବଳରେ ଏହି ନକଲି ୱେବସାଇଟ ଗୁଡ଼ିକୁ ନିଷ୍କ୍ରିୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଠକମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସାଇବର ସେଲକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ବ୍ୟବହାରକାରୀଙ୍କ ବିଶ୍ୱାସ ଓ ନିରାପତା ସୁନିଶ୍ଚିତ କରିବା ପାଇଁ ମିଶୋ ନିଜର ପ୍ରତିବଦ୍ଧତା ଦୋହରାଇଛି। ମିଶୋ ରେ ଆମର ଉପଭୋକ୍ତାମାନଙ୍କୁ ସୁରକ୍ଷା ଓ ବିଶ୍ୱାସ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଜାଲିଆତି କାର୍ଯ୍ୟ ଦ୍ୱାରା ଯୋଗୁ ଆମେ ହତୋତ୍ସାହିତ ହୋଇ ପଡ଼ିଛୁ ଯାହା ଆମର ଉପଭୋକ୍ତାମାନଙ୍କୁ କ୍ଷତି ପହଁଚାଉଛି। ଏଥିପାଇଁ ଆମେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ।

